
# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 23, DATE : 16.03.2026 - 31.03.2026 FORTNIGHTLY (ODIA), BHUBANESWAR. PAGES-08

ଜନ୍ମ - ୫ ମଇ ୧୮୧୮
ମୃତ୍ୟୁ- ୧୪ ମାର୍ଚ୍ଚ ୧୮୮୩

**ମୁକ୍ତିକାମୀ ମଣିଷର ପଥପ୍ରଦର୍ଶକ
ମହାନ କାର୍ଲ ମାର୍କ୍ସଙ୍କର
୧୩୩ ତମ ମୃତ୍ୟୁଦିବସ ଉପଲକ୍ଷେ
ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ**

# ମଞ୍ଜି ଆଇନ-୨୦୨୫ - ଭାରତର କୃଷିକ୍ଷେତ୍ରକୁ ସଂପୂର୍ଣ୍ଣ ଭାବରେ ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବା ଉଦ୍ୟମର ଅବିଚ୍ଛେଦ୍ୟ ଅଙ୍ଗ

ଦେଶର ଚାଷୀମାନଙ୍କ ଉନ୍ନତି ସଂପର୍କରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରର ସମସ୍ତ ଦାବି ସତ୍ତ୍ୱେ ଦେଶର କୃଷକମାନଙ୍କ କ୍ରମବର୍ଦ୍ଧମାନ ଦୁରାବସ୍ଥା ସଂପର୍କରେ ସମସ୍ତେ ଅବଗତ। ଦେଶ ସ୍ୱାଧୀନ ହେବାପରେ ବିଶେଷକରି ୧୯୯୧ ମସିହାରେ ଦେଶରେ ଜଗତିକରଣ, ଉଦାରିକରଣ, ଘରୋଇକରଣ ନୀତି ପ୍ରଚଳନ ହେବାପରେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ହୋଇଥିବା ସରକାରମାନେ ଚାଷ ଜମି, ସାର, ବିହନ, ପୋକମରା ଔଷଧ, କୃଷିଯନ୍ତ୍ରପାତି, କୃଷକମାନଙ୍କଠାରୁ ଉତ୍ପାଦିତ ଫସଲ ସଂଗ୍ରହ କରିବା ଏବଂ ସେସବୁର ବିକ୍ରୟ କ୍ଷେତ୍ରରେ ସାଧାରଣ କୃଷକମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିଚାଲିଛନ୍ତି। ଏହା ପରିବର୍ତ୍ତେ ସରକାର ବଡ ବଡ ବହୁଜାତୀୟ ଏକଚାଟିଆ କୃଷି ବ୍ୟବସାୟୀ ମାନଙ୍କ ସ୍ୱାର୍ଥ ରକ୍ଷା କରିବା ଉଦ୍ଦେଶ୍ୟରେ ହିଁ ବିଭିନ୍ନ କୃଷି ନୀତି ପ୍ରଣୟନ କରୁଛନ୍ତି ଏବଂ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ନୀତିର ଧାରାବାହିକତାରେ ହିଁ କେନ୍ଦ୍ର ବିଜେପି ସରକାର ନଭେମ୍ବର ୧୨ତାରିଖରେ ମଞ୍ଜି ବିଲ-୨୦୨୫ ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ଏହି ବିଲ୍‌ର କେତେକ ମୁଖ୍ୟ ଦିଗକୁ ଏଠାରେ ଉପସ୍ଥାପନ କରାଯାଇଛି।

**ଏହି ବିଲ୍‌ର ମୁଖ୍ୟ ଦିଗ -**

୧) ବର୍ତ୍ତମାନ ବଳବତ୍ତର ରହିଥିବା ମଞ୍ଜି ଆଇନ-୧୯୬୬କୁ ବାତିଲକରି ମଞ୍ଜିର ଉତ୍ପାଦନ, ସଂରକ୍ଷଣ, ବିକ୍ରି, ଆମଦାନୀ, ରପ୍ତାନୀ ଏବଂ ଯୋଗାଣକୁ ନିୟନ୍ତ୍ରଣ କରିବା ପାଇଁ ଏକ ତଥାକଥିତ ସୁସଂହତ ବ୍ୟବସ୍ଥା ପ୍ରଚଳନ କରିବା।

୨) କୃଷକ, କୃଷିଜାତ ଦ୍ରବ୍ୟର କାରବାର କରୁଥିବା ସମସ୍ତ ବ୍ୟକ୍ତି ଓ ଗୋଷ୍ଠୀ, ବିତରକ ଏବଂ ଉତ୍ପାଦନକାରୀ ମାନଙ୍କୁ ସ୍ୱତନ୍ତ୍ର ନିୟନ୍ତ୍ରିତ ସର୍ତ୍ତ ଭାବରେ ଚିହ୍ନିତ କରିବା, ଯାହାଫଳରେ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ ଭୂମିକା ଏବଂ ଦାୟିତ୍ୱ ସ୍ଥିରିକୃତ ହେବ।

୩- ମଞ୍ଜି ସଂପର୍କିତ ସମଗ୍ର ବ୍ୟବସ୍ଥାକୁ ପରିଚାଳିତ କରିବା ପାଇଁ ୨୭ ସଭ୍ୟ ବିଶିଷ୍ଟ କେନ୍ଦ୍ର କମିଟି ଓ ପ୍ରତ୍ୟେକ ରାଜ୍ୟରେ ୧୫ ସଦସ୍ୟ ବିଶିଷ୍ଟ ରାଜ୍ୟ ମଞ୍ଜି କମିଟି ପ୍ରତିଷ୍ଠା କରିବା।

୪- ଯେକୌଣସି ପ୍ରକାର ଉଦ୍ଭିଦର ଭ୍ରୂଣ, ଡାଳ ବା ଚେରଭଳି କୌଣସି ଅଂଶ ନୂଆ ଗଛ ସୃଷ୍ଟି କରିପାରୁଥିଲେ ତାହାକୁ ବିହନ ବା ମଞ୍ଜି ଭାବରେ ଗଣ୍ୟ କରାଯିବ। ଚାରା, କନ୍ଦ(Tubers, Bulbs, Rhizornes) ଏବଂ କାଳକ୍ରମେ ଗଛରେ ପରିଣତ ହେଉଥିବା ଚେର, ଡାଳ, ସମସ୍ତ ପ୍ରକାର କଲମୀ, ଟିସୁ କଲଚର, କୃତ୍ରିମ ବିହନ(Synthetic Seeds) ଇତ୍ୟାଦିକୁ ମଧ୍ୟ ଏହି ବିଲ୍‌ରେ ମଞ୍ଜି ଭାବରେ ଗ୍ରହଣ କରାଯାଇଛି।

୫- ଏହି ବିଲ୍‌ରେ ବିହନର ଗଜା ହେବା, ଶୁଦ୍ଧତା, ଗୁଣବତ୍ତା ଏବଂ ଜେନେଟିକ ବିଶୁଦ୍ଧତା ସଂପର୍କିତ ସର୍ବନିମ୍ନ ମାନ ନିର୍ଦ୍ଧାରଣ କ୍ଷମତା କେନ୍ଦ୍ରୀୟ ମଞ୍ଜି ବା ବିହନ କମିଟି ହାତରେ ଅର୍ପଣ କରାଯାଇଛି।

୬- ବିହନ ବା ମଞ୍ଜି ଉତ୍ପାଦନକାରୀ, ବିହନ ବିକ୍ରେତା, ବିହନ ପ୍ରକ୍ରିୟାକରଣ ୟୁନିଟ, ବିହନ ବିତରକ ଓ ନର୍ସରୀ ଗୁଡିକର ପଞ୍ଜିକରଣ ସଂପର୍କରେ ରାଜ୍ୟ ସରକାର ମାନଙ୍କୁ ସୁପାରିଶ କରିବା ଦାୟିତ୍ୱ ରାଜ୍ୟସ୍ତରୀୟ ମଞ୍ଜି କମିଟି ମାନଙ୍କ ଉପରେ ନ୍ୟସ୍ତ କରାଯାଇଛି।

୭- ବିହନ ଉତ୍ପାଦନକାରୀ, ମଞ୍ଜି ପ୍ରକ୍ରିୟାକରଣକାରୀ, ମଞ୍ଜି ବା ବିହନ କାରବାର ଓ ବିତରକ କରୁଥିବା କ୍ଷୁଦ୍ର ସଂସ୍ଥା ବା ବ୍ୟକ୍ତି ବିଶେଷ ଏବଂ ନର୍ସରୀ ଗୁଡିକର ରେଜିଷ୍ଟ୍ରେସନ୍‌କୁ ଏହି ଆଇନ ବାଧ୍ୟତାମୂଳକ କରିଛି। ମଞ୍ଜି ବା ବିହନ ପାଇଁ ସର୍ବନିମ୍ନ ମାନ ନିର୍ଦ୍ଧାରଣ

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*

# ଇରାନ ଉପରେ ଆମେରିକା-ଇସ୍ରାଏଲର ପୈଶାଚିକ ଆକ୍ରମଣ ମାନବତାକୁ ଲଜ୍ଜିତ କରିଛି

ପଶ୍ଚିମ ଏସିଆର ଆକାଶ ଏବେ ଯୁଦ୍ଧର ଘନ କଳା ବାଦଲରେ ଆଚ୍ଛାଦିତ। ଏଥିପାଇଁ ଆମେରିକା ଦାୟୀ। ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କ୍ଷେପଣାସ୍ତ୍ର (ମିସାଇଲ୍) ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦ କରିବାରେ ସାମାନ୍ୟତମ ଭୁଲ୍ ମଧ୍ୟ କରେ ନାହିଁ। ଗତ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ୍ ମିଳିତ ବାହିନୀ ଯେତେବେଳେ ଇରାନ ଉପରେ ଆକ୍ରମଣ କଲା ସେତେବେଳେ ୬ ରୁ ୧୨ ହଜାର ଫୁଟ୍ ଉପରୁ ୧୨ଟି ବୋମାବର୍ଷୀ ବିମାନରୁ ଏକାସାଙ୍ଗରେ ପ୍ରାୟ ୨୦୦ଟି ବୋମା ନିକ୍ଷେପ କରାଯାଇଥିଲା। ଏହି ବୋମାମାଡ଼ ଫଳରେ ଇତିମଧ୍ୟରେ ଇରାନର ପ୍ରାୟ ଦେଢ଼ ହଜାର ଲୋକଙ୍କର ମୃତ୍ୟୁ ହୋଇସାରିଛି, ଯେଉଁଥିରୁ ୩୦ ପ୍ରତିଶତ ହେଉଛନ୍ତି ଶିଶୁ। ଇତିମଧ୍ୟରେ କ୍ଷେପଣାସ୍ତ୍ର ଆକ୍ରମଣରେ ଇରାନର ସର୍ବୋଚ୍ଚ ଧର୍ମୀୟ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ସମେତ ବହୁ ତୁଙ୍ଗ ନେତା ଓ ସାମରିକ ଅଧିକାରୀଙ୍କ ମୃତ୍ୟୁ ହୋଇଛି। ଇରାନ ମଧ୍ୟ ପଶ୍ଚିମ ଏସିଆର ବିଭିନ୍ନ ଦେଶରେ ଥିବା ଆମେରିକାର ସାମରିକ ଘାଟି ଉପରେ ପାଲଟା ଆକ୍ରମଣ କରିଛି।

ଉଡୁଥିବା ଧୂଳି, ଧ୍ୱଂସସ୍ତୂପ, କାନ୍ଦବୋବାଳି ଏବଂ ଶବଗୁଡ଼ିକର ଧାଡ଼ି ଆଡ଼କୁ ଚାହିଁଲେ ଛାତି ଫାଟିଯାଏ। ଏହି ବିଭତ୍ସତା ପାଇଁ ଆମେରିକା ଦାୟୀ। ଇରାନ ସମେତ ପଶ୍ଚିମ ଏସିଆର ଏହି ଦେଶଗୁଡ଼ିକ ଖଣିଜ ତୈଳ ଓ ଗ୍ୟାସ୍ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ଯୋଗାଣର ଅନ୍ୟତମ ଉତ୍ସ ହୋଇଥିବାରୁ ଏବଂ ଇରାନ ରପ୍ତାନୀ ବାଣିଜ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଣକାରୀ ଦେଶ ହୋଇଥିବାରୁ ସଙ୍କଟ ଆହୁରି ଘନୀଭୂତ ହୋଇଛି। ଏହି ଯୁଦ୍ଧର ଗୁରୁତର ପ୍ରଭାବ ଆମ ଦେଶର ସାଧାରଣ ଲୋକଙ୍କ ଉପରେ ପଡୁଛି।

ଇରାନ ଉପରେ ଏହି ଆକ୍ରମଣ କାହିଁକି ?

ଯୁଦ୍ଧଖୋର ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଆମେରିକା ଉପରେ ଇରାନର ସମ୍ଭବ୍ୟ ଆକ୍ରମଣକୁ ପ୍ରତିହତ କରିବାପାଇଁ ଆମେରିକା ଇରାନ ଉପରେ ଆକ୍ରମଣ କରିଛି। ତେବେ ଇତି ମଧ୍ୟରେ ସତ୍ୟ ପ୍ରକାଶିତ ହୋଇଛି। ଆମେରିକୀୟ ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ ପେଣ୍ଟାଗନ୍ ମାର୍ଚ୍ଚ ୧ ତାରିଖରେ ଜଣାଇଛି ଯେ, ଇରାନ ଆଡୁ ଆକ୍ରମଣର କୌଣସି ଖବର ସେମାନଙ୍କ ପାଖରେ ନଥିଲା। ପ୍ରକୃତରେ ଆକ୍ରମଣ ଆରମ୍ଭ ହେବା ପୂର୍ବରୁ ଓମାନର ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିଲା। ଫେବୃଆରୀ ୨୭ ରେ ଓମାନର ବୈଦେଶିକ ମନ୍ତ୍ରୀ ଜଣାଇଥିଲେ ଯେ,

*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

## ପାଞ୍ଚଟି ରାଜ୍ୟରେ ଏସୟୁସିଆଇ(କମ୍ୟୁନିଷ୍ଟ) ଲଢ଼ିବ ୩୧୧ ଟି ଆସନ

ସମ୍ପ୍ରତି ଦେଶର ୪ ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ପ୍ରଦେଶରେ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ କମିଶନ ପକ୍ଷରୁ ତାରିଖ ଘୋଷଣା କରାଯାଇଛି। ଏହି ନିର୍ବାଚନରେ ଏସୟୁସିଆଇ (କମ୍ୟୁନିଷ୍ଟ) ଦଳ ଏକକ ଭାବରେ ୩୧୧ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ଘୋଷଣା କରିଛି। ଦଳ ପକ୍ଷରୁ ପଶ୍ଚିମବଙ୍ଗରେ ୨୩୦, ଆସାମରେ ୪୨, କେରଳରେ ୩୪, ତାମିଲନାଡୁରେ ୪ ଓ ପୁଡୁଚେରୀରେ ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରାଯିବ।


## ଭିତର ପୃଷ୍ଠାରେ

★ ମାର୍କ୍ସଙ୍କ କବର ସ୍ଥଳୀରେ ଏଙ୍ଗେଲ୍ସଙ୍କ ସଂକ୍ଷିପ୍ତ ବକ୍ତବ୍ୟ

★ ସ୍କୁଲ୍ ଡ୍ରପ୍ ଆଉଟ୍ ବା ପାଠପଢ଼ା ଛାଡୁଥିବା ପିଲାଙ୍କ ଯନ୍ତ୍ରଣାଦାୟକ ଦୃଶ୍ୟ : ଜାତୀୟ ପ୍ରେକ୍ଷାପଟ ଏବଂ ଓଡ଼ିଶାର ବାସ୍ତବ ଚିତ୍ର

★ "ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍" ଉଚ୍ଚଶିକ୍ଷାର ସଂପୂର୍ଣ୍ଣ କେନ୍ଦ୍ରୀକରଣର ଏକ ନଗ୍ନ ପ୍ରୟାସ

# ମାର୍କ୍ସଙ୍କ କବର ସ୍ଥଳୀରେ ଏଙ୍ଗେଲ୍ସଙ୍କ ସଂକ୍ଷିପ୍ତ ବକ୍ତବ୍ୟ

(୧୪ ମାର୍ଚ୍ଚ ୧୮୮୩ରେ ଲଣ୍ଡନରେ ମାର୍କ୍ସ ମୃତ୍ୟୁବରଣ କରନ୍ତି। ୧୭ ମାର୍ଚ୍ଚରେ ଲଣ୍ଡନର ହାଇଗେଟ କବରସ୍ଥାନରେ (Highgate Cemetery) ତାଙ୍କୁ କବର ଦିଆହୁଏ। କବର ଦେବାର ଅବ୍ୟବହିତ ପୂର୍ବରୁ ମାର୍କ୍ସଙ୍କ ଆଜୀବନ ସହଯୋଦ୍ଧା ଫ୍ରେଡେରିକ ଏଙ୍ଗେଲ୍ସ ମାର୍କ୍ସଙ୍କ ପ୍ରତି ନିଜର ଶ୍ରଦ୍ଧାର୍ଘ୍ୟ ନିବେଦନ କରନ୍ତି। ଏହି ସଂକ୍ଷିପ୍ତ ଭାଷଣଟିରେ ଏଙ୍ଗେଲ୍ସ ମାର୍କ୍ସଙ୍କ ଜୀବନର ଏକ ସଂକ୍ଷିପ୍ତ ଆକଳନ କରିଥିଲେ। ମାର୍କ୍ସ ଯେ ସର୍ବୋପରି ଜଣେ ବିପ୍ଳବୀ ଥିଲେ ଏବଂ ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ କିପରି ଆଧୁନିକ ଶ୍ରମିକ ଶ୍ରେଣୀକୁ ନିଜର ଐତିହାସିକ ସ୍ଥିତି ବିଷୟରେ ସଚେତନ କରି ମୁକ୍ତିର ପଥ ନିର୍ଦ୍ଦେଶ କରିବାରେ ବ୍ୟୟିତ ହେଉଥିଲା ତା' ଏଙ୍ଗେଲ୍ସ ତୋଳିଧରିଥିଲେ। ଐତିହାସିକ ଭାବେ ଜଣାଯାଏ ମାର୍କ୍ସଙ୍କ ଶବାଧାରରେ କୌଣସି ବିଶାଳ ଜନ ସମାଗମ ହେଇନଥିଲା, ତାଙ୍କୁ କବର ବି ଦିଆଯାଇଥିଲା ଗୋଟିଏ ଅନାମଧେୟ କବରସ୍ଥାନରେ। କିନ୍ତୁ ମୃତ୍ୟୁର ମାତ୍ର ୨୫/୩୦ ବର୍ଷ ଭିତରେ ମାର୍କ୍ସଙ୍କ ବିପ୍ଳବୀ ବିଚାରଧାରା ସାରା ବିଶ୍ୱରେ ଦାବାନଳ ପରି ବ୍ୟାପି ଯାଇଥିଲା। ଆଉ ତାଙ୍କ ମୃତ୍ୟୁର ମାତ୍ର ୩୪ ବର୍ଷ ପରେ ତାଙ୍କରି ଆଦର୍ଶ ଓ ମହାନ ଲେନିନଙ୍କ ନେତୃତ୍ୱରେ ଶ୍ରମିକ ଶ୍ରେଣୀ ଦ୍ୱାରା ଜାର ଶାସିତ ଋଷିଆରେ ସଂଘଟିତ ହୋଇଥିଲା ବିଶ୍ୱର ପ୍ରଥମ ସଫଳ ସମାଜବାଦୀ ବିପ୍ଳବ। ଆଜି ଅନାମଧେୟ ହାଇଗେଟ ସିମେଟେରି ସମଗ୍ର ବିଶ୍ୱର ମୁକ୍ତିକାମୀ ମେହେନତି ମଣିଷମାନଙ୍କ ପାଇଁ ଏକ ତୀର୍ଥସ୍ଥାନ।

ମହାନ ଏଙ୍ଗେଲ୍ସଙ୍କର ଏହି ଐତିହାସିକ ବକ୍ତବ୍ୟର ଓଡିଆ ଅନୁବାଦ ଦଳର ନେତା, କର୍ମୀ, ସମର୍ଥକ, ଦରଦୀ ଓ ସର୍ବହରା କ୍ରାନ୍ତିର ଅଗଣିତ ପାଠକ ମାନଙ୍କ ପାଇଁ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରୁଛୁ। ଅନୁବାଦ ଜନିତ ତ୍ରୁଟି ଓ ସୀମାବଦ୍ଧତା ପାଇଁ ଆମେ ସଂପୂର୍ଣ୍ଣ ଦାୟୀ।

– ସଂପାଦକ, ସର୍ବହରା କ୍ରାନ୍ତି)



ଲଣ୍ଡନର ହାଇଗେଟ ସିମେଟେରୀରେ ମାର୍କ୍ସଙ୍କ କବର ଉପରେ ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତି

୧୪ ମାର୍ଚ୍ଚ ଉପରବେଳା ୨.୪୫ରେ ସର୍ବଶ୍ରେଷ୍ଠ ଜୀବନ୍ତ ଚିନ୍ତାବିତ୍ ଚିନ୍ତା କରିବା ବନ୍ଦ କରିଦେଲେ। ତାଙ୍କୁ ମାତ୍ର ୨ ମିନିଟ ପାଇଁ ଏକା ଛାଡି ଦିଆଯାଇଥିଲା, ଫେରି ଆସି ଆମେ ତାଙ୍କୁ ଆରାମଚେୟାରରେ ଶାନ୍ତିପୂର୍ଣ୍ଣ ଭାବେ ଶୋଇଥିବାର ଦେଖିଲୁ, କିନ୍ତୁ ସେ ଶୋଇବା ଥିଲା ଚିରଦିନ ପାଇଁ।

ମାର୍କ୍ସଙ୍କ ମୃତ୍ୟୁରେ ୟୁରୋପ ଓ ଆମେରିକାର ସଂଗ୍ରାମୀ ସର୍ବହରା ଶ୍ରେଣୀର ତଥା ଐତିହାସିକ ବିଜ୍ଞାନର ଅପରିମେୟ କ୍ଷତି ହେଲା। ଏହି ମହାନ ଆତ୍ମାଙ୍କ ଅବର୍ତ୍ତମାନରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଉଛି ତା' ଶୀଘ୍ର ଅନୁଭୂତ ହେବ।

ଡାରୱିନ ଠିକ ଯେମିତି ଜୀବ ଜଗତର ବିକାଶର ନିୟମ ଆବିଷ୍କାର କରିଥିଲେ, ସେମିତି ମାର୍କ୍ସ, ମାନବ ଇତିହାସର ବିକାଶର ନିୟମଗୁଡ଼ିକୁ ଆବିଷ୍କାର କରିଥିଲେ। ଗୋଟିଏ ସରଳ ସତ୍ୟ ଯାହା ଆଜିଯାଏ ତତ୍ତ୍ୱର ଆତିଶଯ୍ୟରେ ଲୁଚି ଯାଇଥିଲା – ରାଜନୀତି, ବିଜ୍ଞାନ, ଶିଳ୍ପ, ଧର୍ମ ଇତ୍ୟାଦି ବିଷୟରେ ଭାବିବା ପୂର୍ବରୁ ମଣିଷକୁ ପ୍ରଥମେ ଖାଦ୍ୟ, ପାନୀୟ, ବସ୍ତ୍ର ଓ ଆଶ୍ରୟର ବ୍ୟବସ୍ଥା କରିବାକୁ ହୁଏ; ତେଣୁ ତାତ୍କାଳିକ ଜୀବନର ସାଧନଗୁଡ଼ିକର ଉତ୍ପାଦନ, ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ସମାଜରେ ସେଥିପାଇଁ ସେହି ନିର୍ଦ୍ଦିଷ୍ଟ ଯୁଗରେ ଥିବା ଅର୍ଥନୈତିକ ବିକାଶର ସ୍ତରର ଭିତ୍ତି ଉପରେ ରାଷ୍ଟ୍ରର ବିଭିନ୍ନ ଅନୁଷ୍ଠାନ, ଆଇନ କାନୁନଗତ ଅବଧାରଣା, କଳା ଏପରିକି ଧର୍ମୀୟ ଧାରଣାର ବିକାଶ ହେଇଥାଏ। ଏବଂ ଏହି ଆଲୋକରେ ହିଁ ଏ ସବୁକୁ ବୁଝିବା ଆବଶ୍ୟକ ଯାହାର ବିପରୀତରେ ନୁହେଁ, ଯାହା ଏଯାଏ ହେଉଥିଲା।

କେବଳ ଏତିକି ନୁହେଁ। ମାର୍କ୍ସ ବର୍ତ୍ତମାନର ପୁଞ୍ଜିବାଦୀ ଉତ୍ପାଦନ ପ୍ରକ୍ରିୟାର ସ୍ୱରୂପ ଏବଂ ଏହି ଉତ୍ପାଦନ ପ୍ରକ୍ରିୟା ଦ୍ୱାରା ସୃଷ୍ଟ ପୁଞ୍ଜିବାଦୀ ସମାଜର ଗତି ପ୍ରକୃତିର ବିଶେଷ ନିୟମଗୁଡ଼ିକୁ ମଧ୍ୟ ଆବିଷ୍କାର କରିଥିଲେ। ଯେଉଁ ଉଦବୃତ୍ତ ମୂଲ୍ୟକୁ (Surplus Value) ବୁଝିବା ପାଇଁ ଉଭୟ ପୁଞ୍ଜିବାଦୀ ଅର୍ଥଶାସ୍ତ୍ରୀ ଓ ସମାଜବାଦୀ ସମାଲୋଚକମାନେ ଅନ୍ଧାରରେ ବାଡି ବୁଲାଉଥିଲେ, ମାର୍କ୍ସ ସେହି ଉଦବୃତ୍ତ ମୂଲ୍ୟ ଉପରେ ମଧ୍ୟ ଆଲୋକ ସଂପାତ କରିଥିଲେ।

ଗୋଟିଏ ଜୀବନକାଳ ପାଇଁ ଏହି ଦୁଇଟି ଆବିଷ୍କାର ହିଁ ପର୍ଯ୍ୟାପ୍ତ ହେଇଥା'ନ୍ତା। ଏଥିରୁ କେବଳ ଗୋଟିଏ ଆବିଷ୍କାର ପାଇଁ ଜଣେ ନିଜକୁ ସୌଭାଗ୍ୟବାନ ମନେ କରିଥା'ନ୍ତା। କିନ୍ତୁ ମାର୍କ୍ସ ଯେଉଁ ଯେଉଁ ବିଷୟକୁ ଅନୁଶୀଳନ କରିଥିଲେ – ସେ ଅନେକ ବିଷୟକୁ ଗଭୀରଭାବେ ଅନୁଶୀଳନ କରିଥିଲେ – ସେ ପ୍ରତ୍ୟେକ ବିଷୟରେ ଏପରିକି ଗଣିତ ଶାସ୍ତ୍ରରେ ମଧ୍ୟ ସ୍ୱତନ୍ତ୍ର ଆବିଷ୍କାର କରିଥିଲେ।

ମାର୍କ୍ସ ଥିଲେ ଏହିପରି ବିଜ୍ଞାନର ବ୍ୟକ୍ତି। କିନ୍ତୁ ଏଥିରୁ ମାର୍କ୍ସଙ୍କୁ ଅର୍ଦ୍ଧେକ ବି ବୁଝି ହେବ ନାହିଁ। ମାର୍କ୍ସଙ୍କ ପାଇଁ ବିଜ୍ଞାନ ଥିଲା ଗୋଟିଏ ଗତିଶୀଳ ବିପ୍ଳବୀ ଶକ୍ତି। ଗୋଟିଏ ବୈଜ୍ଞାନିକ ଉଦ୍ଭାବନକୁ ସିଏ ହୁଏତ ଆନନ୍ଦରେ ସ୍ୱାଗତ କରୁଥିଲେ, ଯାହାର ବ୍ୟବହାରିକ ପ୍ରୟୋଗ ସେହି ମୁହୂର୍ତ୍ତରେ ସମ୍ଭବ ନଥିଲା, କିନ୍ତୁ ଯଦି କୌଣସି ବୈଜ୍ଞାନିକ ଉଦ୍ଭାବନ ଶିଳ୍ପ ବିକାଶରେ ତତ୍କାଳ ବୈପ୍ଳବିକ ପରିବର୍ତ୍ତନ ଆଣୁଥିଲା କିମ୍ବା ସାଧାରଣ ଭାବେ ଐତିହାସିକ ବିକାଶ ସହ ଯୁକ୍ତ ହେଉଥିଲା, ତେବେ ତାଙ୍କର ଆନନ୍ଦ ଆହୁରି ଅଧିକ ମାତ୍ରା ପାଉଥିଲା। ଉଦାହରଣ ସ୍ୱରୂପ, ବୈଦ୍ୟୁତିକ ଶକ୍ତି କ୍ଷେତ୍ରରେ ହେଉଥିବା ଆବିଷ୍କାରଗୁଡ଼ିକୁ ଏବଂ ନିକଟ ଅତୀତରେ ମାର୍ସେଲ୍ ଡେପ୍ରେଜଙ୍କ କାମକୁ ସେ ଖୁବ ଅନ୍ତରଙ୍ଗ ଭାବେ ଅନୁସରଣ କରୁଥିଲେ।

ମାର୍କ୍ସ ସର୍ବପ୍ରଥମେ ଓ ସର୍ବୋପରି ଥିଲେ ଜଣେ ବିପ୍ଳବୀ। ପୁଞ୍ଜିବାଦୀ ବ୍ୟବସ୍ଥାକୁ ଉତଖାତ କରିବା ଓ ସେଥିରୁ ସମ୍ଭୂତ ରାଷ୍ଟ୍ରର ସଂସ୍ଥାନ ଗୁଡ଼ିକର ସମାପ୍ତି, ଆଧୁନିକ ଶ୍ରମିକ ଶ୍ରେଣୀକୁ ମୁକ୍ତ କରିବା, ସେମାନଙ୍କୁ ନିଜର ସ୍ଥିତି ଓ ଆବଶ୍ୟକତା ତଥା ନିଜର ମୁକ୍ତିର ସର୍ତ୍ତ ବିଷୟରେ ସଚେତନ କରିବା ଥିଲା ତାଙ୍କର ଜୀବନର ବାସ୍ତବ ଲକ୍ଷ୍ୟ। ସଂଗ୍ରାମ ହିଁ ଥିଲା ତାଙ୍କର ସହଜାତ ଗୁଣ। ଆଉ ଯେଉଁ ଦୃଢ ଆବେଗ, ଏକନିଷ୍ଠତା ଓ ସଫଳତାର ସହ ସେ ଏହି ସଂଗ୍ରାମ ପରିଚାଳନା କରିଗଲେ ତା'ର କ୍ୱଚିତ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ପ୍ରଥମ ରାଇନିଶ୍ ଜେିଟୁଙ୍ଗ(୧୮୪୨), ପ୍ୟାରିସ୍ ଫରଓ୍ୱାର୍ଟ୍ସ (୧୮୪୪), ଡଏଶ୍ ବ୍ରସେଲର ଜେିଟୁଙ୍ଗ (୧୮୪୭), ଦି ନ୍ୟୁ ରାଇନିଶ୍ ଜେିଟୁଙ୍ଗ (୧୮୪୮-୪୯), ଦି ନ୍ୟୁୟର୍କ ଟ୍ରିବ୍ୟୁନ (୧୮୫୨-୬୧) ଇତ୍ୟାଦି ସମ୍ବାଦ ପତ୍ରରେ ତାଙ୍କ କାର୍ଯ୍ୟ ଛଡା ଅନେକ ସଂଗ୍ରାମୀ ପାମ୍ଫ୍ଲେଟର ରଚନା, ପ୍ୟାରିସ୍, ବ୍ରସେଲ୍ସ, ଓ ଲଣ୍ଡନରେ ସାଂଗଠନିକ କାର୍ଯ୍ୟ ଏବଂ ଆନ୍ତର୍ଜାତିକ ଶ୍ରମଜୀବୀ ସଂଗଠନର ସ୍ଥାପନା, ଯାହା ଥିଲା ତାଙ୍କର ଶ୍ରେଷ୍ଠ ଓ ଚରମ ଉପଲବ୍ଧି। ଏହାର ସଂସ୍ଥାପକ ଯଦି ଆଉ କିଛି ବି କରିନଥାନ୍ତେ, ଏହି ଆନ୍ତର୍ଜାତିକ ଶ୍ରମଜୀବୀ ସଂଗଠନର ସ୍ଥାପନା ପାଇଁ ତାଙ୍କର ଗର୍ବ କରିବାର ଅବକାଶ ଥିଲା।

ଫଳସ୍ୱରୂପ, ମାର୍କ୍ସ ତା'ଙ୍କ ନିଜ ସମୟରେ ଥିଲେ ସବୁଠାରୁ ଲାଞ୍ଛିତ ଓ ନିନ୍ଦିତ ବ୍ୟକ୍ତିତ୍ୱ। ଉଭୟ ନିରଙ୍କୁଶ ଶାସନ ଥିବା ତଥା ଜନତାନ୍ତ୍ରିକ ଶାସନ ଥିବା ସରକାରମାନେ ତାଙ୍କୁ ସେମାନଙ୍କ ଦେଶରୁ ବହିଷ୍କାର କରିଥିଲେ। ପୁଞ୍ଜିବାଦୀମାନେ, ରକ୍ଷଣଶୀଳ ହୁଅନ୍ତୁ କି ଗଣତାନ୍ତ୍ରିକ, ମାର୍କ୍ସଙ୍କୁ ବଦନାମ କରିବାକୁ ନିଜ ନିଜ ଭିତରେ ପ୍ରତିଯୋଗିତାରେ ଲିପ୍ତ ଥିଲେ। ଅଳନ୍ଧୁକୁ ଆଡେଇ ଦେଲା ଭଳି ସେ ଏସବୁ ଆଡେଇ ଦେଉଥିଲେ ଏବଂ ଉପେକ୍ଷା କରୁଥିଲେ, ଜବାବ ଦେଉଥିଲେ ଅତ୍ୟନ୍ତ ଆବଶ୍ୟକ ହେଲେ। ଆଜି ତାଙ୍କ ମୃତ୍ୟୁରେ ସାଇବେରିଆର ଖଣିଖାଦାନଠୁ ଆରମ୍ଭ କରି କାଲିଫର୍ଣ୍ଣିଆ, ୟୁରୋପ ଓ ଆମେରିକାର ସମସ୍ତ ପ୍ରାନ୍ତରେ ଥିବା ତାଙ୍କର ବିପ୍ଳବୀ ସହଯୋଦ୍ଧା ଶ୍ରମିକମାନେ ଶୋକପାଳନ କରୁଛନ୍ତି, ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଭଲପାଇବା ଅର୍ପଣ କରୁଛନ୍ତି। ମୁଁ ଏକଥା ବି ଜୋର ଦେଇ କହିପାରେ – ତାଙ୍କର ବିରୋଧୀ ଥିଲେ ଅନେକ, କିନ୍ତୁ ପ୍ରାୟ ଜଣେ ହେଲେ ବ୍ୟକ୍ତିଗତ ଶତ୍ରୁ ନଥିଲେ।

ତା'ଙ୍କ ନାଁ ଯୁଗଯୁଗ ଧରି ଅମର ରହିବ, ଅମର ରହିବ ମଧ୍ୟ ତା'ଙ୍କ କାର୍ଯ୍ୟାବଳୀ।

★★★

***

*ମଞ୍ଜି ଆଇନ . . .*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

କରିବା ଏହି ଆଇନରେ ବାଧ୍ୟତାମୂଳକ କରିବା ପାଇଁ ପ୍ରସ୍ତାବ ରହିଛି।

ଉଦାହରଣ ସ୍ୱରୂପ ଗୁଣ ସୂତ୍ର(Gene) ସ୍ତରରେ କୃତ୍ରିମ ଭାବରେ ପରିବର୍ତ୍ତନ ଘଟାଇ ପ୍ରସ୍ତୁତ କରାଯାଉଥିବା ଟ୍ରାନ୍ସଜେନିକ ବିହନ କ୍ଷେତ୍ରରେ ପରିବେଶ ସୁରକ୍ଷା ଅଧିନିୟମ-୧୯୮୬ ଅନୁଯାୟୀ ରେଜିଷ୍ଟ୍ରେସନ କରିବାକୁ ହେବ। ଏହା ଫଳରେ ସମଗ୍ର ଦେଶରେ କାରବାର କରୁଥିବା ବିହନ କମ୍ପାନୀ ସେମାନେ ପ୍ରସ୍ତୁତ କରୁଥିବା ମଞ୍ଜି ବା ବିହନର ମାନକୁ ଭିତ୍ତିକରି ସଂପୃକ୍ତ କମ୍ପାନୀ ଗୁଡ଼ିକୁ କେନ୍ଦ୍ରୀୟ ଭାବରେ ପଞ୍ଜିକୃତ କରାଯିବ। ବିଭିନ୍ନ ରାଜ୍ୟରେ ଏହି ବିହନ କମ୍ପାନୀଗୁଡ଼ିକୁ ରେଜିଷ୍ଟ୍ରେସନ କରାଯିବ ନାହିଁ। ଏହାଦ୍ୱାରା ବଡ ବଡ ଏକଚାଟିଆ ବ୍ୟବସାୟୀ ମାନଙ୍କ ପାଇଁ ବ୍ୟବସାୟ କରିବା ସହଜ ସାଧ(Ease of Doing Business) ହେବ ବୋଲି ସରକାର ସ୍ୱୀକାର କରିଛନ୍ତି।

**ମଞ୍ଜି ଆଇନର କ୍ରମବିକାଶ –**

ଏହି ବିଲ୍ ସଂପର୍କରେ ଅଧିକ ଆଲୋଚନା ପୂର୍ବରୁ ସ୍ୱାଧିନତା ପରେ ଭାରତରେ ମଞ୍ଜି କ୍ଷେତ୍ରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଆଇନର କି ଧରଣର ପରିବର୍ତ୍ତନ ଘଟିଥିଲା ସେ ସଂପର୍କରେ ସଂକ୍ଷେପରେ ଆଲୋଚନା କରିବା ଆବଶ୍ୟକ। କୃଷି ପାଇଁ ବିହନ ହେଉଛି ଏକ ମୌଳିକ ଉପାଦାନ। ମଞ୍ଜିର ଗୁଣବତ୍ତା ଉପରେ ଫସଲ ଅନେକ ପରିମାଣରେ ନିର୍ଭର କରେ। ଭାରତ ମୂଳତଃ ଏକ କୃଷି ପ୍ରଧାନ ଦେଶ ଏବଂ ପାରମ୍ପରିକ ଭାବରେ ଏଠାରେ ଚାଷୀମାନେହିଁ ବିହନ ସଂରକ୍ଷଣ କରୁଥିଲେ ଏବଂ ବର୍ଷ ପରେ ବର୍ଷ ଚାଷୀମାନେ ସଂଚୟ କରି ରଖୁଥିବା ବିହନରେ ହିଁ ଚାଷ ହେଉଥିଲା। ସୁତରାଂ, ବିହନ ଚାଷୀ ମାନଙ୍କର ସଂପତ୍ତି ଥିଲା। ଚାଷୀମାନେ ହିଁ ବିହନ ଉତ୍ପାଦନ କରୁଥିଲେ, ସେହି ବିହନର ସଂରକ୍ଷଣ କରୁଥିଲେ ଏବଂ ଚାଷ ସମୟ ଆସିଲେ ଅନ୍ୟ ଚାଷୀ ମାନଙ୍କ ମଧ୍ୟରେ ବିହନ ବିତରଣ କରୁଥିଲେ। ସ୍ୱାଧୀନତା ପରେ କୃଷି ଉତ୍ପାଦନ ବୃଦ୍ଧି କରିବା ଏବଂ ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବିହନର ମାନ ନିର୍ଦ୍ଧାରଣ କରିବାପାଇଁ ଆଇନ ପ୍ରଣୟନ କରିବାକୁ ଉଦ୍ୟମ ଆରମ୍ଭ କଲେ। ସରକାରଙ୍କର ଏହି ଉଦ୍ୟମ ଫଳରେ ସର୍ବପ୍ରଥମେ ମଞ୍ଜି ଆଇନ -୧୯୬୬ ପ୍ରଣୀତ ହେଲା।

**ମଞ୍ଜି ଆଇନ-୧୯୬୬**

ଏହି ଆଇନରେ ତିନିଟି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ରହିଲା। ପ୍ରଥମଟି ହେଉଛି, ମଞ୍ଜିର ପ୍ରାମାଣିକରଣ(Certification)। ଏହାର ଅର୍ଥ ହେଉଛି ସରକାର ବିଭିନ୍ନ ସମୟରେ ଚିହ୍ନଟ କରୁଥିବା ମଞ୍ଜିକୁ ପ୍ରଣୀତ ଆଇନ ଅନୁଯାୟୀ ଉଚ୍ଚମାନ ସଂପନ୍ନ ବୋଲି ଘୋଷଣା କରିବା ଏବଂ ଏହି ମଞ୍ଜିକୁ ଚାଷୀ ମାନଙ୍କୁ ଯୋଗାଇ ଦେବା। ଏହାର ମୂଳ ଘୋଷିତ ଉଦ୍ଦେଶ୍ୟ ହେଉଛି, ଉପଯୁକ୍ତ ବିହନ ବା ମଞ୍ଜି ଚିହ୍ନଟ କରିବା ଏବଂ ଏହାର ସୁଚୀତା ରକ୍ଷା କରିବା। ଦ୍ୱିତୀୟଟି ହେଉଛି, ମଞ୍ଜି ଯାଂଚ(Inspection) କରିବା, ଏହାର ଅର୍ଥ ହେଉଛି ମଞ୍ଜିର ଗୁଣବତ୍ତା ରକ୍ଷା କରିବା ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ଗ୍ରହଣ କରିବା। ଏଥିପାଇଁ ସରକାର ମଞ୍ଜି ଇନିସ୍ପେକ୍ଟର ନିଯୁକ୍ତି କରିଥିଲେ। ତୃତୀୟଟି ହେଉଛି, ମଞ୍ଜି ପରୀକ୍ଷଣ(Testing), ଅର୍ଥାତ୍ ଚାଷୀମାନଙ୍କୁ ଉପଯୁକ୍ତ ମାନର ମଞ୍ଜି ଯୋଗାଇବା ପାଇଁ ସରକାରୀ ଭାବରେ ମଞ୍ଜିର ଉପଯୁକ୍ତ ପରୀକ୍ଷଣ। ସରକାର ଏହିଭଳି ଆନୁଷ୍ଠାନିକ ଭାବରେ ମଞ୍ଜି ପରୀକ୍ଷଣ କରି ଉପଯୁକ୍ତ ବିବେଚିତ ମଞ୍ଜିକୁ ବିକ୍ରିଯୋଗ୍ୟ ସାର୍ଟିଫିକେଟ୍ ଦେବାର ବ୍ୟବସ୍ଥା ଆରମ୍ଭ କଲେ। ତେବେ ଏହି ଆଇନ କେବଳ Notified Variety of Seed ଗୁଡ଼ିକୁ ନିୟନ୍ତ୍ରଣ କରୁଥିଲା। ଅର୍ଥାତ୍ ସରକାର ଯେଉଁ ଫସଲର ବିହନ ବା ମଞ୍ଜିର ମାନ ପରୀକ୍ଷା କରି ସେହି ବିହନ ବା ମଞ୍ଜିକୁ ଚାଷୀମାନଙ୍କୁ ଯୋଗାଇ ଦେବାପାଇଁ ନିର୍ଦ୍ଦେଶନାମା ଜାରୀ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## ମଞ୍ଜି ଆଇନ . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

କରୁଥିଲେ, କେବଳ ସେହି ମଞ୍ଜି ବା ବିହନ କ୍ଷେତ୍ରରେ ଏହି ଆଇନ ଲାଗୁ ହେଉଥିଲା। ଏହାପରେ କେନ୍ଦ୍ର ସରକାର ମୂଳ ମଞ୍ଜି ଆଇନ ଓ ଏହାର ନିୟମାବଳୀ(Rules) ଗୁଡିକୁ ୧୯୭୨, ୧୯୭୩, ୧୯୭୪ ଏବଂ ୧୯୮୪ରେ ସଂଶୋଧନ କରିଥିଲେ। ଏହାପରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ୧୯୫୫ ଅନୁଯାୟୀ ବିହନ ଓ ମଞ୍ଜିକୁ ଅତ୍ୟାବଶ୍ୟକ ସାମଗ୍ରୀ ବୋଲି ସରକାରୀ ଭାବରେ ଘୋଷଣା କରାଗଲା। ୧୯୮୩ ମସିହାରେ କେନ୍ଦ୍ର ସରକାର ମଞ୍ଜି(ନିୟନ୍ତ୍ରଣ) ଆଦେଶ ଜାରୀ କରି ମଞ୍ଜି ବା ବିହନ ବ୍ୟବସାୟୀ ମାନଙ୍କର (ଉଭୟ ବ୍ୟକ୍ତି ବିଶେଷ ଓ ବ୍ୟବସାୟିକ ସଂସ୍ଥା) ବାଧ୍ୟତାମୂଳକ ପଞ୍ଜିକରଣ, ଦର ନିୟନ୍ତ୍ରଣ, ମଞ୍ଜି ସରବରାହ ତଥା ମଞ୍ଜି ଖରିଦ ବିକ୍ରି ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ନଥିଭୁକ୍ତ କରିବା ବ୍ୟବସ୍ଥା କଲେ। ମାତ୍ର ଅଦାଲତରେ ମାମଲା ଚାଲିବାରୁ ଏହି ଆଦେଶ ୧୯୯୪ ମସିହାରେ କାର୍ଯ୍ୟକାରୀ ହେଲା।

ମଞ୍ଜି ଆଇନ ୧୯୬୬ ପ୍ରଣୟନ ଫଳରେ ରାଷ୍ଟ୍ରାୟତ୍ତ ଗବେଷଣାଗାର ମାନ ପ୍ରତିଷ୍ଠା ତଥା ଦେଶର ବିଭିନ୍ନ ଅଂଚଳରେ ଦେଖା ଯାଉଥିବା ଭିନ୍ନ ଭିନ୍ନ ଜଳବାୟୁ ପାଇଁ ଉପଯୁକ୍ତ ନୂଆ ବିହନ ସୃଷ୍ଟି କରିବା ପାଇଁ ଅନେକଦୂର ପର୍ଯ୍ୟନ୍ତ ଆଇନଗତ ବାଧା ଦୂର ହେଲା। ଏହାଫଳରେ ଇଣ୍ଡିଆନ କାଉନସିଲ୍ ଫର ଏଗ୍ରିକଲଚରାଲ ରିସର୍ଚ୍ଚ(ICAR)ର ଉଦ୍ୟୋଗରେ ଦେଶର କୃଷି ବ୍ୟବସ୍ଥାକୁ ଆଧୁନିକ ବୈଜ୍ଞାନିକ ଗବେଷଣା ଆଧାରରେ ବିକଶିତ କରିବାର ଘୋଷିତ ଲକ୍ଷ୍ୟରେ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଷେତ୍ରରେ ଗବେଷଣା କରିବାପାଇଁ ଗବେଷଣାଗାର ମାନ ପ୍ରତିଷ୍ଠା କରାଯାଇଥିଲା। କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ଏସବୁକୁ ନିୟନ୍ତ୍ରଣ କରୁଥିଲା।

ମାତ୍ର ୧୯୮୮ ମସିହାରେ ଉଚ୍ଚମାନ ମଞ୍ଜି ବିକାଶ ପାଇଁ ନୂଆ ନୀତି (New Policy on Seed development) ଭାରତୀୟ ମଞ୍ଜି ବଜାରର ଘରୋଇକରଣର ଦ୍ୱାର ଖୋଲିଲା। ୧୯୮୦ ଦଶକର ଶେଷ ପର୍ଯ୍ୟନ୍ତ ଦୁଇଟି କାରଣରୁ ମଞ୍ଜି କ୍ଷେତ୍ରରେ ଘରୋଇ ପୁଞ୍ଜିର କାରବାର ପ୍ରାୟ ନଥିଲା କହିଲେ ଚଳେ। ଏହାର କାରଣ ହେଉଛି ସେତେବେଳର ଆର୍ଥିକ ନୀତି ଯୋଗୁ କୃଷି କ୍ଷେତ୍ରରେ ବିଦେଶୀ ପୁଞ୍ଜି ବିନିଯୋଗକୁ ନିରୁତ୍ସାହିତ କରାଯାଉଥିଲା, ବ୍ୟବସାୟ ପାଇଁ ଲାଇସେନ୍ସିଂ ବ୍ୟବସ୍ଥା ଥିଲା ଏବଂ ଦେଶର ଅଭ୍ୟନ୍ତରରେ କୃଷି ଗବେଷଣାର ବିକାଶ ଘଟାଇବା ପାଇଁ ବିଶେଷ ବିଶେଷ ବିହନ କ୍ଷେତ୍ରରେ ଆମଦାନୀ କାର୍ଯ୍ୟତଃ ନିଷିଦ୍ଧ ଥିଲା। ମାତ୍ର ୧୯୮୮ ନୂଆ ମଞ୍ଜି ନୀତି ପ୍ରଣୟନ କରାଯିବା ଫଳରେ ମଞ୍ଜି କ୍ଷେତ୍ରକୁ ଘରୋଇ ଓ ବିଦେଶୀ ପୁଞ୍ଜି ପାଇଁ ଖୋଲି ଦିଆଗଲା। ବିଦେଶରୁ ବିହନ ଆମଦାନୀ କ୍ଷେତ୍ରରେ ଥିବା କଟକଣା ଉଠାଇ ଦିଆଗଲା।

ସୋଭିଏତ୍ ୟୁନିୟନ ଓ ପୂର୍ବ ୟୁରୋପର ପୂର୍ବତନ ସମାଜବାଦୀ ଦେଶମାନଙ୍କରେ ସମାଜବାଦୀ ବ୍ୟବସ୍ଥାର ବିପର୍ଯ୍ୟୟ ପରେ ଏକଚାଟିଆ ପୁଞ୍ଜିର ସ୍ୱାର୍ଥରେ ୧୯୯୧ ମସିହାରେ ତତ୍କାଳୀନ କେନ୍ଦ୍ର କଂଗ୍ରେସ ସରକାର ଦ୍ୱାରା ଜଗତିକରଣ ନୀତି ଲାଗୁ କରାଗଲା। ଏହାଫଳରେ ଶିଳ୍ପ କ୍ଷେତ୍ରରେ ଲାଇସେନ୍ସିଂ ବ୍ୟବସ୍ଥା ଉଠାଇ ଦିଆଗଲା ଏବଂ ବିଦେଶୀ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ପୂର୍ବରୁ ରହିଥିବା କଟକଣା ମଧ୍ୟ ଉଠାଇ ଦିଆଗଲା। ଏହାପରେ ୧୯୯୪ ମସିହାରେ ବିଶ୍ୱ ବାଣିଜ୍ୟ ସଂଗଠନ(World Trade Organisation- WTO) ର ନିୟମ ଅନୁଯାୟୀ ଟ୍ରେଡ୍ ରିଲେଟେଡ୍ ଇଣ୍ଟେଲେକଚୁଆଲ ପ୍ରପର୍ଟି ରାଇଟ୍ସ(Trade Related Intellectual Property Rights-TRIPS)ର ସର୍ତ୍ତ ଗୁଡିକୁ ଭାରତ ସରକାର ମାନି ନେଲେ। ଟ୍ରିପ୍ସର ୨୭.୦୩(ଖ) ଧାରା ଅନୁଯାୟୀ ଯେକୌଣସି ଦେଶକୁ ଉଦ୍ଭିଦର ବିବିଧତାକୁ(Plant Diversity) ସୁରକ୍ଷିତ କରିବାକୁ ହେଲେ ପେଟେଣ୍ଟ ହାସଲ କରିବାକୁ ହେବ କିମ୍ବା ଉଦ୍ଭିଦର ବିବିଧତାକୁ ସୁରକ୍ଷିତ କରିବାପାଇଁ ଏକ ବିଶେଷ ବ୍ୟବସ୍ଥା କରିବାକୁ ହେବ କିମ୍ବା ଉଭୟର ସମାହାର ଘଟାଇବାକୁ ହେବ। ଉଲ୍ଲେଖ କରିବା ବାହୁଲ୍ୟ ଯେ ପେଟେଣ୍ଟ ହାସଲ ପାଇଁ ଆନ୍ତର୍ଜାତିକ ସଂସ୍ଥାକୁ ଆବେଦନ କରିବାକୁ ହେବ ଏବଂ ଏହି ସଂସ୍ଥାଗୁଡିକ ବଡ ବଡ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଦେଶଦ୍ୱାରା ନିୟନ୍ତ୍ରିତ।

**ରାଷ୍ଟ୍ରାୟତ୍ତ ଓ ଘରୋଇ ଉଦ୍ୟୋଗର ଭୂମିକା -**

ସେହି ସମୟରୁ ହିଁ ମଞ୍ଜି କ୍ଷେତ୍ରରେ ଘରୋଇ ଉଦ୍ୟୋଗ ଅଧିକରୁ ଅଧିକ ଭୂମିକା ପାଳନ କରିବା ଆରମ୍ଭ କଲା। ସଂପ୍ରତି ଆମ ଦେଶରେ ପ୍ରାୟ ୪୦୦ରୁ ୫୦୦ ଘରୋଇ କମ୍ପାନୀ ମଞ୍ଜି ଉତ୍ପାଦନ ଓ ବ୍ୟବସାୟରେ ସଂପୃକ୍ତ ରହିଛନ୍ତି। ତେବେ ଘରୋଇ କମ୍ପାନୀ ମାନଙ୍କର ମୂଳ ଗୁରୁତ୍ୱ ଅଳ୍ପ ପରିମାଣରେ ଚାଷ ହେଲେ ମଧ୍ୟ ଅଧିକ ଆୟର ସୁଯୋଗ ଥିବା ଚାଷ ପାଇଁ ଆବଶ୍ୟକ (High Value Low Volume) ମଞ୍ଜି ବଜାର ଉପରେ ରହିଛି। ଅନ୍ୟଦିଗରେ ବହୁ ପରିମାଣରେ ଚାଷ ହେଲେ ମଧ୍ୟ କମ୍ ମୁନାଫାର ସୁଯୋଗ ଥିବା ଚାଷ(Low Value High Volume) ମଞ୍ଜି ବଜାର ଏବେବି ରାଷ୍ଟ୍ରାୟତ୍ତ ନିଗମ ମାନଙ୍କ ପରିଚାଳନାରେ ରହିଛି। ଘରୋଇ କମ୍ପାନୀ ଗୁଡିକ ପନିପରିବା ମଞ୍ଜି ଏବଂ ମକା, ସୂର୍ଯ୍ୟମୁଖୀ ଏବଂ କପା ଭଳି ଉଦ୍ୟାନ କୃଷି ଫସଲର ମଞ୍ଜି କାରବାରକୁ ପୁରାପୁରି ଦଖଲ କରି ରଖିଛନ୍ତି। ଅନ୍ୟ ଦିଗରେ ଗହମ, ଧାନ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ଓ ତୈଳବୀଜ ଉଚ୍ଚଦର-କମ ପରିମାଣ ଚାଷର ମଞ୍ଜି କାରବାରକୁ ରାଷ୍ଟ୍ରାୟତ ସଂସ୍ଥା ମାନେ ନିୟନ୍ତ୍ରଣ କରୁଛନ୍ତି।

**ମଞ୍ଜି କ୍ଷେତ୍ରରେ ଘରୋଇ ମଞ୍ଜି କମ୍ପାନୀ ମାନଙ୍କ ନିୟନ୍ତ୍ରଣ -**

ଅର୍ଥନୀତି କ୍ଷେତ୍ରରେ ଘରୋଇକରଣ ଲାଗୁ ହେବାପରେ ଏବଂ ଟ୍ରିପ୍ସର ସର୍ତ୍ତାବଳୀକୁ ଭାରତ ସରକାର ମାନି ନେବାପରେ ବହୁ ଦେଶୀ-ବିଦେଶୀ ମଞ୍ଜି କମ୍ପାନୀ ଦେଶର ମଞ୍ଜି କ୍ଷେତ୍ରରେ ପ୍ରବେଶ କଲେ। ସ୍ୱାଭାବିକ ଭାବରେ ବଜାର ଦଖଲ ପାଇଁ ଏହି କମ୍ପାନୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଆରମ୍ଭ ହେଲା। ଏହି ପ୍ରକ୍ରିୟାରେ ସମଗ୍ର ମଞ୍ଜି ବଜାର ଉପରେ କେତେକ କମ୍ପାନୀଙ୍କର ଏକଚାଟିଆ ନିୟନ୍ତ୍ରଣ ପ୍ରତିଷ୍ଠା ହେଲା। ଏହି କମ୍ପାନୀମାନେ ଅଧିକ ଅମଳକ୍ଷମ ବିହନ ପ୍ରସ୍ତୁତକରି ଅନ୍ୟ ପ୍ରତିଯୋଗୀ କମ୍ପାନୀ ମାନଙ୍କୁ ବଜାରରୁ ହଟାଇବା ଉଦ୍ଦେଶ୍ୟରେ ଏ କ୍ଷେତ୍ରରେ ଗବେଷଣା ପାଇଁ ବିପୁଳ ପୁଞ୍ଜି ବିନିଯୋଗ ମଧ୍ୟ କଲେ। ଏହାଫଳରେ ବିହନ/ମଞ୍ଜିର ଦର ବହୁଗୁଣ ବୃଦ୍ଧି ପାଇଲା। କାରଣ ଘରୋଇ କମ୍ପାନୀମାନେ ଏ କ୍ଷେତ୍ରରେ ଗବେଷଣା ପାଇଁ କରିଥିବା ସମସ୍ତ ଖର୍ଚ୍ଚ ମଞ୍ଜି ବିକ୍ରିକରି ଭରଣା କରିବାକୁ ଉଦ୍ୟମ କଲେ। କହିବା ବାହୁଲ୍ୟ ଏହା ସ୍ୱାଭାବିକ ଥିଲା। ଆହୁରି ମଧ୍ୟ କୃଷକ ମାନେ ପାରମ୍ପରିକ ଭାବରେ ବ୍ୟବହାର କରିଆସୁଥିବା ବିହନ, ଯେଉଁ ବିହନ ବର୍ଷ ବର୍ଷ ଧରି ଫସଲରୁ ହିଁ ଅଲଗା କରି ରଖାଯାଏ ତା ଜାଗାରେ ହାଇବ୍ରିଡ୍ ବିହନ ବ୍ୟବହାର ବଢିଚାଲିଲା। କାରଣ ଏହି ବିହନ ପାରମ୍ପରିକ ବିହନ ଠାରୁ ଅଧିକ ଅମଳକ୍ଷମ। ଏହାଫଳରେ ହାଇବ୍ରିଡ ବିହନର ବ୍ୟବହାର ବୃଦ୍ଧି ପାଇଲା ଏବଂ ଏହା ସହିତ ବିହନର ଦାମ ମଧ୍ୟ ବଢିଚାଲିଲା। ମଞ୍ଜି ବ୍ୟବସାୟୀମାନେ ଚାଷୀ ମାନଙ୍କୁ ପ୍ରଲୁବ୍ଧ କରିବାପାଇଁ ପ୍ରାରମ୍ଭିକ ଅବସ୍ଥାରେ ତୁଳନାମୂଳକ ଭାବରେ କମ୍‌ଦରରେ ମଞ୍ଜି ବିକ୍ରି କରୁଥିଲେ। ମାତ୍ର ହାଇବ୍ରିଡ ବିହନର ଚାହିଦା ବୃଦ୍ଧି ପାଇବା ଏବଂ ପାରମ୍ପରିକ ବିହନ ଦ୍ରୁତ ବିଲୁପ୍ତ ହେବା ସହିତ ଏହାର ଦାମ ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା। ଅନ୍ୟପଟରେ ଏହି ପ୍ରକ୍ରିୟାରେ ପାରମ୍ପରିକ ବିହନ ବୁଡିଗଲା ଏବଂ ଚାଷୀ ସଂପୂର୍ଣ୍ଣ ଭାବରେ ହାଇବ୍ରିଡ ବିହନ ଉପରେ ନିର୍ଭର ହେଲା। ଏହି ପରିସ୍ଥିତିରେ ଚଢା ଦରରେ ବିହନ ବିକ୍ରି କରି କମ୍ପାନୀମାନେ ଚାଷୀକୁ ଆର୍ଥିକ ଭାବରେ ଲୁଣ୍ଠନ କରିବାକୁ ଲାଗିଲେ। ଯାହା ବର୍ତ୍ତମାନ ବଳବତ୍ତର ରହିଛି। ଜର୍ଣ୍ଣାଲ ଅଫ୍ ଇଣ୍ଟେଲେକଚୁଆଲ ପ୍ରପର୍ଟି ରାଇଟ୍ସ ପତ୍ରିକାରେ ୨୦୧୬ ମସିହାରେ ପ୍ରକାଶିତ ଏକ ନିବନ୍ଧରେ ଦିଆଯାଇଥିବା ପରିସଂଖ୍ୟାନ ଅନୁଯାୟୀ ୧୯୮୮ ମସିହାରେ ଭାରତର ଘରୋଇ ମଞ୍ଜି ଶିଳ୍ପ ମାତ୍ର ୬୦୦ କୋଟି ଟଙ୍କାର ଥିଲାବେଳେ ୨୦୧୧ ବେଳକୁ ଏହା ୧୦,୦୦୦ କୋଟିରେ ପହଂଚିଥିଲା। ଏହା ସୂଚୀତ କରୁଛି-ଉଭୟ ଘରୋଇ ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଅତ୍ୟନ୍ତ ଉଚ୍ଚ ପ୍ରଯୁକ୍ତି ଭିତ୍ତିକ ଉତ୍ପାଦନ ଦିଗରେ ଦେଶର ସମଗ୍ର କୃଷି ବ୍ୟବସ୍ଥା ଅଗ୍ରସର ହୋଇଛି। ୧୯୮୮ ମଞ୍ଜି ନୀତି ମଞ୍ଜି କ୍ଷେତ୍ରରେ ଘରୋଇକରଣ ପ୍ରକ୍ରିୟା ଆରମ୍ଭକଲା ଏବଂ ଏହି ପ୍ରକ୍ରିୟାକୁ ପ୍ରୋତ୍ସାହିତ କଲା। ଏହା ଫଳରେ ମଞ୍ଜି ବ୍ୟବସାୟ କ୍ଷେତ୍ରରେ ବର୍ତ୍ତମାନ ଘରୋଇ ବ୍ୟବସାୟୀମାନେ ଦେଶର ଶତକଡା ୮୦ଭାଗ ଦଖଲ କରି ସାରିଛନ୍ତି। ସମଗ୍ର ମଞ୍ଜି କ୍ଷେତ୍ରକୁ ସଂପୂର୍ଣ୍ଣ ଭାବରେ ଦଖଲ କରିବାପାଇଁ ଘରୋଇ ମଞ୍ଜି କମ୍ପାନୀମାନେ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କ ସହାୟତାରେ ଉଦ୍ୟମ କରୁଛନ୍ତି।

**ପିପିଭିଆଇଏଫ୍ ଆଇନ ଏବଂ ପିଏସ୍‌ସି ମାନଙ୍କର ଅଭ୍ୟୁଦୟ -**

ଭାରତ ସରକାର ବିଶ୍ୱ ବାଣିଜ୍ୟ ସଂଗଠନ(WTO) ସହିତ ୧୯୯୫ ମସିହାରେ ଚୁକ୍ତି ସ୍ୱାକ୍ଷର କରିବାପରେ ନୂତନ ବିହନ ବା ମଞ୍ଜି ସୃଷ୍ଟି କରିବାପାଇଁ ଘରୋଇ କମ୍ପାନୀମାନଙ୍କୁ ଏ କ୍ଷେତ୍ରରେ ଗବେଷଣା କରିବାର ସୁଯୋଗ ଦେବା ବାଧ୍ୟତାମୂଳକ ହୋଇପଡିଲା। ତେବେ ଘରୋଇ କମ୍ପାନୀମାନଙ୍କୁ ନିୟନ୍ତ୍ରଣ କରିବା ଓ ପାରମ୍ପରିକ ବିହନ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା କରିବାର ଘୋଷିତ ଲକ୍ଷ୍ୟରେ ତତ୍କାଳୀନ କେନ୍ଦ୍ର ଏନ୍‌ଡିଏ ସରକାର ପ୍ରୋଟେକ୍ସନ ଅଫ୍ ପ୍ଲାଣ୍ଟ ଭେରାଇଟିସ ଆଣ୍ଡ ଫାର୍ମରର୍ସ ରାଇଟ୍ସ ଆକ୍ଟ-୨୦୦୧(Protection of Plant Varities and Farmers Rights Act-2001) ପ୍ରଣୟନ କରିଥିଲେ। ମାତ୍ର ଘରୋଇ କମ୍ପାନୀମାନେ ଏ କ୍ଷେତ୍ରରେ ପ୍ରଚୁର ପୁଞ୍ଜି ନିବେଶ କଲେ ଏବଂ ସରକାର କ୍ରମାଗତ ଭାବରେ ପୁଞ୍ଜିନିବେଶରୁ ଓହରି ଯିବା ଫଳରେ ଖୁବ୍ ଶୀଘ୍ର ଘରୋଇ କମ୍ପାନୀମାନେ ହାଇବ୍ରିଡ୍ ମଞ୍ଜି ଉତ୍ପାଦନକୁ ପୁରାପୁରି ନିୟନ୍ତ୍ରଣ କରିବା ଅବସ୍ଥାକୁ ଆସିଗଲେ। ସୂଚନାଯୋଗ୍ୟ ୨୦୦୦ ମସିହା ବେଳକୁ ନୂତନ ଭାବରେ ସୃଷ୍ଟି ହେଉଥିବା ହାଇବ୍ରିଡ୍ ମଞ୍ଜି ମଧ୍ୟରୁ ଶତକଡା ୯୦ଭାଗ ଘରୋଇ କମ୍ପାନୀମାନଙ୍କ ନିୟନ୍ତ୍ରଣକୁ ଆସି ଯାଇଥିଲା ଏବଂ ଏହି ଘରୋଇ କମ୍ପାନୀମାନେ ହିଁ ଉଦ୍ଭିଦର ବିବିଧତାର ସୁରକ୍ଷା ସାର୍ଟିଫିକେଟ୍ ପାଇବାରେ ସଫଳ ହେଲେ। ସୁତରାଂ, ଅଧିକ ପୁଞ୍ଜି ଖଟେଇ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାରକରି ଘରୋଇ କମ୍ପାନୀମାନେ ପ୍ରସ୍ତୁତ କରୁଥିବା ବିହନ ଓ ମଞ୍ଜିକୁ ଚଢାଦରରେ କିଣିବା ପାଇଁ ଚାଷୀମାନେ ବାଧ୍ୟ ହେଲେ। ଫଳରେ ପାରମ୍ପରିକ ଫସଲର ବିହନ ସଂପୂର୍ଣ୍ଣ ବିଲୁପ୍ତ ହୋଇଗଲା। ଏହି ପ୍ରକ୍ରିୟାରେ ବର୍ତ୍ତମାନ ପୂର୍ବରୁ ଚାଷ କରାଯାଉଥିବା ହଜାର ହଜାର ଧରଣର ବିଭିନ୍ନ ଫସଲର ବିହନ ଲୁପ୍ତ ହୋଇଯାଇଛି। ଅର୍ଥାତ୍ ପାରମ୍ପରିକ ବିହନ ସଂରକ୍ଷଣ ଓ ସେହି ବିହନ ବ୍ୟବହାର କରି ଚାଷ କରିବାପାଇଁ ଚାଷୀମାନଙ୍କର ଆଇନଗତ ଅଧିକାର ରହିଲେ ମଧ୍ୟ ବିପୁଳ ଘରୋଇ ପୁଞ୍ଜି ଓ ଉନ୍ନତ ପ୍ରଯୁକ୍ତିବିଦ୍ୟା ସହିତ ମୁକାବିଲା କରି ଚାଷୀ ତାର ପାରମ୍ପରିକ ବିହନକୁ ରକ୍ଷା କରିପାରିଲା ନାହିଁ। ଏହାର କୁପରିଣାମ ବର୍ତ୍ତମାନ ଦେଖିବାକୁ ମିଳୁଛି। ଜମିର ଉର୍ବରତା ନଷ୍ଟ ହୋଇଛି, ଚାଷ ଖର୍ଚ୍ଚ ଆକାଶଛୁଆଁ ହୋଇଛି, ଅତ୍ୟଧିକ ସାର ଓ ପୋକମରା ଔଷଧର ବ୍ୟବହାର ଫଳରେ ପରିବେଶର ସନ୍ତୁଳନ ସଂପୂର୍ଣ୍ଣ ଧ୍ୱଂସ ହୋଇଛି। ଏହାର ପରିଣାମରେ ନାନା ଧରଣର ଦୁରାରୋଗ୍ୟ ରୋଗ ବ୍ୟାପୀ ଚାଲିଛି।

**ସଂପ୍ରତି ଭାରତର ଚାଷୀ ମାନଙ୍କର ଦୁରାବସ୍ଥା -**

ବର୍ତ୍ତମାନ ଆସନ୍ତୁ ଦେଶର ଚାଷୀ ମାନଙ୍କର ମର୍ମନ୍ତୁଦ ଅବସ୍ଥା ଉପରେ ଦୃଷ୍ଟିପାତ କରିବା। ବର୍ଷକୁ ବର୍ଷ ସାର, ବିହନ, ପୋକମରା ଔଷଧ, କୃଷି ଯନ୍ତ୍ରପାତିର ଦରବୃଦ୍ଧି ସହିତ ଡିଜେଲ ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ଯୋଗୁ ଜଳସେଚନ ପାଇଁ ବଢିଚାଲିଥିବା ଖର୍ଚ୍ଚ ଫଳରେ କୃଷି ଉତ୍ପାଦନ ଖର୍ଚ୍ଚ ବଢିଚାଲିଛି। ବିଶେଷ କରି ଗତ ୩୦ବର୍ଷ ମଧ୍ୟରେ ଫସଲ ଉତ୍ପାଦନ ପାଇଁ ଖର୍ଚ୍ଚ ଅବିଶ୍ୱାସନୀୟ ଭାବରେ ବୃଦ୍ଧି ପାଇଛି। ମାତ୍ର ଫସଲର ଦର ବଢୁ ନାହିଁ। କେନ୍ଦ୍ର ଓ ରାଜ୍ୟ ମାନଙ୍କରେ ବିଭିନ୍ନ ସମୟରେ କ୍ଷମତାସୀନ ହେଉଥିବା ସରକାରମାନେ ଅନ୍ତତଃ ସ୍ୱାମୀନାଥନ କମିଟିର ସୁପାରିଶ ଅନୁଯାୟୀ $C_2$+ 50 ହାରରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍‌ଏସ୍‌ପି ଲାଗୁ କରିବା ଓ ଏହାକୁ ଆଇନସିଦ୍ଧ କରିବାପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେଥିପାଇଁ ଚାଷକରି ଗୁଜୁରାଣ ମେଣ୍ଟାଇବା ଚାଷୀ ପକ୍ଷରେ ଅସମ୍ଭବ ହୋଇପଡୁଛି। ଚାଷ କରିବାପାଇଁ ଚାଷୀ ହାତ ଉଧାରି କରୁଛି କିମ୍ବା ଚଢା ସୁଧରେ ମାଇକ୍ରୋଫାଇନାନ୍ସ କମ୍ପାନୀ ମାନଙ୍କଠାରୁ ଋଣ ଆଣୁଛି। ମାତ୍ର ଫସଲର ଅଭାବୀ ବିକ୍ରି କରି ଋଣ ଯନ୍ତାରେ ପଡୁଛି। ଋଣ ଯନ୍ତାରୁ ମୁକୁଳି ନପାରି ଚାଷୀ ଆତ୍ମହତ୍ୟା କରୁଛି କିମ୍ବା ଚାଷ ଛାଡି ଦେଇ ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହେଉଛି। ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ପରିସଂଖ୍ୟାନ ଅନୁଯାୟୀ କେବଳ ୨୦୨୩ ମସିହାରେ ଦେଶରେ ୧ଲକ୍ଷ ୭ହଜାର ୮୩ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି।

କହିବା ବାହୁଲ୍ୟ ଚାଷୀମାନଙ୍କ ସ୍ୱାର୍ଥକୁ ବିଚାରକୁ ନନେଇ କୌଣସି କୃଷି ଆଇନ ପ୍ରଣୟନ କରିବା ଅର୍ଥ ହେଉଛି, ଦୟନୀୟ ଅବସ୍ଥାରେ ଥିବା ଚାଷୀଙ୍କୁ ଆହୁରି ଅଧିକ ଦୁର୍ଦ୍ଦଶା ମଧ୍ୟକୁ ଠେଲିଦେବା। ମଞ୍ଜି ସହିତ ସଂପୃକ୍ତ ସମସ୍ତ ଆଇନ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ। ଉପଯୁକ୍ତ ସମୟରେ ସୁଲଭ ମୂଲ୍ୟରେ ଉଚ୍ଚମାନର ମଞ୍ଜି ଚାଷ ପାଇଁ ଯୋଗାଇଦେବା ଏବଂ ନକଲି ବିହନ ଯୋଗୁ ଫସଲ ନଷ୍ଟ ହେଲେ ଚାଷୀ ମାନଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା ଆଜିବି ଦେଶରେ କାର୍ଯ୍ୟକାରୀ ହୋଇନାହିଁ। ପ୍ରାୟ ପ୍ରତିବର୍ଷ ଦେଶର ବିଭିନ୍ନ ସ୍ଥାନରେ ପିଆଜ, ଆଖୁ, କପା, ଡାଲି, ଆଳୁ ଏପରିକି ଫଳ ଚାଷୀ ମାନଙ୍କ ଦୁର୍ଦ୍ଦଶାର କଥା ଖବର

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

# ସ୍କୁଲ୍ ଡ୍ରପ୍ ଆଉଟ୍ ବା ପାଠପଢ଼ା ଛାଡୁଥିବା ପିଲାଙ୍କ ଯନ୍ତ୍ରଣାଦାୟକ ଦୃଶ୍ୟ : ଜାତୀୟ ପ୍ରେକ୍ଷାପଟ ଏବଂ ଓଡ଼ିଶାର ବାସ୍ତବ ଚିତ୍ର

୨୦୧୫ ମସିହା କଥା ଟିକେ ମନେ ପକାନ୍ତୁ। କେନ୍ଦ୍ରରେ ବିଜେପି ସରକାର କ୍ଷମତାସୀନ ହୋଇ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀଙ୍କ ଶାସନ ଭାର ଗ୍ରହଣ କରିବାର ଏକ ବର୍ଷ ବିତିଥାଏ। ହରିୟାଣାର ପାନିପଥ ଉପରେ କ୍ୟାମେରା ଫୋକସ କରନ୍ତୁ। ସେଠାରେ ପରଦା ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କନ୍ୟା ସନ୍ତାନ ମାନଙ୍କର ଯତ୍ନ ନେବା ପାଇଁ ଥିବା ଏକ ସ୍ୱପ୍ନର ବର୍ଣ୍ଣନାକୁ ପ୍ରଦର୍ଶନ କରା ଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସମସ୍ତଙ୍କୁ କନ୍ୟା ସନ୍ତାନମାନଙ୍କ ସହ ସେଲଫି ନେବାକୁ ମଧ୍ୟ ସେଠାରେ ଆହ୍ୱାନ କରିଥିଲେ। 'ବେଟି ବଚାଓ, ବେଟି ପଢ଼ାଓ' ଭଳି ମଧୁର ସ୍ଲୋଗାନ ସେ ପ୍ରଥମେ ସେଠାରେ ଦେଇଥିଲେ ଯାହାକୁ ଆଜି ପର୍ଯ୍ୟନ୍ତ ଅଜସ୍ରବାର ଦୋହରାଇଛନ୍ତି। ନିଜର ଅନଲାଇନ୍ ଭାଷଣ "ମନ୍ କି ବାତ୍" କାର୍ଯ୍ୟକ୍ରମରେ ସେ ଅନେକ ସମୟରେ କନ୍ୟା ସନ୍ତାନଙ୍କ ଜନ୍ମ ହାର ହ୍ରାସ ପାଉଥିବାରୁ ଗଭୀର ଚିନ୍ତା ପ୍ରକଟ କରିବା ସହ ମହିଳା ସଶକ୍ତିକରଣର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଦୁର୍ଭାଗ୍ୟବଶତଃ, ଯେତେବେଳେ ଆମେ ବିଗତ ୧୧ ବର୍ଷର ପ୍ରଗତି ପତ୍ର ଦେଖୁ, ଏହି ସ୍ଲୋଗାନଟି ଆମକୁ କେବଳ ଏକ ଅର୍ଥହୀନ ପ୍ରଳାପ ଭଳି ଶୁଣାଯାଏ। ଦେଶରେ ମହିଳାଙ୍କ ବିରୋଧରେ ବଢ଼ି ଚାଲିଥିବା ଧର୍ଷଣ, ଗଣଦୁଷ୍କର୍ମ, ନିର୍ଯ୍ୟାତନା, ଯୌତୁକଜନିତ ମୃତ୍ୟୁ, ସମ୍ମାନ ରକ୍ଷା ପାଇଁ ହତ୍ୟା (Honour Killing), ଏସିଡ୍ ଆକ୍ରମଣ ଏବଂ କନ୍ୟା ଭ୍ରୂଣ ହତ୍ୟା ଭଳି ଭୟଙ୍କର ପରିସଂଖ୍ୟାନକୁ ଆମେ ବର୍ତ୍ତମାନ ପାଇଁ ଛାଡ଼ିଦେଉଛୁ। ବର୍ତ୍ତମାନ 'ବେଟି ପଢ଼ାଓ ବା ଝିଅଙ୍କ ପାଠପଢ଼ା'ର ପରିସ୍ଥିତି ଉପରେ କେବଳ ନଜର ପକାଇବା।

**ସ୍କୁଲ ଡ୍ରପ୍‌ଆଉଟ୍ : ଜାତୀୟ ତଥ୍ୟ**

ସ୍କୁଲ ଶିକ୍ଷା ସମ୍ବନ୍ଧୀୟ ମିଳିଥିବା କିଛି ଜାତୀୟ ତଥ୍ୟ ଉପରେ ଆସନ୍ତୁ ଦୃଷ୍ଟି ପକାଇବା। ସଂସଦରେ କିଛି ମାସ ତଳେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ କହିଥିଲେ ଯେ, ଗତ ପାଂଚ ବର୍ଷ ମଧ୍ୟରେ ୬୫.୭ ଲକ୍ଷ ପିଲା ସ୍କୁଲ ଛାଡିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଅର୍ଥାତ ୨୯.୮ ଲକ୍ଷ ହେଉଛନ୍ତି ଝିଅ। କେନ୍ଦ୍ର ଏବଂ ରାଜ୍ୟ ଉଭୟରେ ବିଜେପି ସରକାର ଥିବା 'ଡବଲ୍ ଇଞ୍ଜିନ୍ ସରକାର' ଦେଶରେ ପ୍ରଗତି ଏବଂ ସମୃଦ୍ଧି ଆଣିବ ବୋଲି କହୁଥିବା ବେଳେ "ବେଟି ପଢ଼ାଓ' କ୍ଷେତ୍ରରେ ଏହି ରାଜ୍ୟଗୁଡ଼ିକର ରେକର୍ଡ ଅତ୍ୟନ୍ତ ନୈରାଶ୍ୟଜନକ। ଗୁଜରାଟରେ ୨୦୨୫-୨୬ ମଧ୍ୟରେ ୨.୪ ଲକ୍ଷ ପିଲା ସ୍କୁଲ ଛାଡିଛନ୍ତି ଯେଉଁଥିରୁ ୧.୧ ଲକ୍ଷ ହେଉଛନ୍ତି ଝିଅ। ଆସାମରେ ୧,୫୦,୯୦୬ ଡ୍ରପ୍‌ଆଉଟ୍ ସଂଖ୍ୟା ମଧ୍ୟରୁ ୫୭,୪୦୯ ଜଣ ହେଉଛନ୍ତି ବାଳିକା। ଉତ୍ତର ପ୍ରଦେଶରେ ୯୯,୨୧୮ ରୁ ୫୬,୪୬୨ ଜଣ ହେଉଛନ୍ତି ଛାତ୍ରୀ। ଏବେ ଆସନ୍ତୁ ଆମ ନିଜ ରାଜ୍ୟ ଉପରେ ଟିକେ ନଜର ପକାଇବା।

**ଓଡ଼ିଶାର ଚିନ୍ତାଜନକ ସ୍ଥିତି : ପରିସଂଖ୍ୟାନ ଓ ବାସ୍ତବତା**

ବର୍ତ୍ତମାନ ଯଦି ଆମେ ନିଜ ରାଜ୍ୟ ଓଡ଼ିଶା ଉପରେ ନଜର ପକାଇବା, ତେବେ ଡ୍ରପ୍‌ଆଉଟ୍ ସ୍ଥିତି ଏଠାରେ ଅତ୍ୟନ୍ତ ଉଦ୍‌ବେଗଜନକ। ନିକଟରେ (୨୦୨୪-୨୫ ଶିକ୍ଷାବର୍ଷ ପାଇଁ) ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିଥିବା ତଥ୍ୟ ଅନୁଯାୟୀ, ଓଡ଼ିଶାରେ ସ୍କୁଲ୍ ଡ୍ରପ୍‌ଆଉଟ୍ ହାର ପୁଣି ଥରେ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ମାଧ୍ୟମିକ ସ୍ତର (ନବମ ଏବଂ ଦଶମ ଶ୍ରେଣୀ) ଏହି ସ୍ତରରେ ସର୍ବାଧିକ ୧୫% ପିଲା ସ୍କୁଲ ଛାଡ଼ିଛନ୍ତି। ଏଥିରେ ବାଳକମାନଙ୍କ ହାର ୧୭.୩% ଥିବାବେଳେ ବାଳିକାମାନଙ୍କ ହାର ୧୨.୫% ରହିଛି। ଉଚ୍ଚ ପ୍ରାଥମିକ ସ୍ତର (ଷଷ୍ଠରୁ ଅଷ୍ଟମ ଶ୍ରେଣୀ): ମୋଟ ଡ୍ରପ୍‌ଆଉଟ୍ ହାର ୩.୨% ରହିଛି, ଯେଉଁଥିରେ ବାଳକ ୩.୭% ଏବଂ ବାଳିକା ୨.୬% ଅଛନ୍ତି। ବିଧାନସଭାରେ ରଖାଯାଇଥିବା ନିର୍ଦ୍ଦିଷ୍ଟ ସଂଖ୍ୟାକୁ ଦେଖିଲେ ବାସ୍ତବ ଚିତ୍ର ଆହୁରି ସ୍ପଷ୍ଟ ହେବ। କେବଳ ଗୋଟିଏ ଶିକ୍ଷାବର୍ଷରେ (୨୦୨୪-୨୫) ମାଧ୍ୟମିକ ସ୍ତରରେ ୯,୩୮୭ ଜଣ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଛନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ ସୁଦ୍ଧା ପ୍ରାୟ ୧୨,୦୦୦ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସିନଥିଲେ ଅର୍ଥାତ ଅନୁପସ୍ଥିତ ରହିଥିଲେ। ଗୋଟିଏ ପଟେ ସରକାର ଶିକ୍ଷା ବ୍ୟବସ୍ଥାରେ ବିକାଶର ଡିଣ୍ଡିମ ପିଟୁଥିବା ବେଳେ ଓଡ଼ିଶାରେ ଏତେ ବଡ଼ ସଂଖ୍ୟାରେ ପିଲା, ବିଶେଷକରି ଝିଅମାନେ ସ୍କୁଲ ଛାଡ଼ିବା ବିଷୟ "ଡବଲ୍ ଇଞ୍ଜିନ୍ ସରକାର'ର ପ୍ରକୃତ ବିକାଶର ବିଷୟକୁ ସ୍ପଷ୍ଟ କରୁଛି।

**ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ**

ଡ୍ରପ-ଆଉଟ୍ ସମସ୍ୟାର ପ୍ରକୃତ କାରଣ ଅନୁସନ୍ଧାନ କରି ଏହି ସମସ୍ୟାର ସମାଧାନ କରିବା ବଦଳରେ, ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ବର୍ତ୍ତମାନ ରାଜ୍ୟମାନଙ୍କରେ ସରକାରୀ ଶିକ୍ଷା ବିନାଶକାରୀ ବିଦ୍ୟାଳୟ ମିଶ୍ରଣ ଏବଂ ବନ୍ଦ ନୀତି ଯୋରସୋରରେ କାର୍ଯ୍ୟକାରୀ କରାଯାଉଛି। ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବା ଆଳରେ ଏହାକୁ ବନ୍ଦ କରି ଅନ୍ୟ ଏକ ସ୍କୁଲରେ ମିଶ୍ରଣ କରାଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏହି ପ୍ରକ୍ରିୟା ଫଳରେ ବନ୍ଦ ଓ ମିଶ୍ରଣ ହେଇଥିବା ସ୍କୁଲଗୁଡ଼ିକର ଏକ ଚିନ୍ତାଜନକ ତାଲିକା ଆମେ ଏଠାରେ ଦେଉଛୁ। ଉତ୍ତର ପ୍ରଦେଶରେ ୨୭,୦୦୦, ରାଜସ୍ଥାନରେ ୧୯,୫୦୦ ମହାରାଷ୍ଟ୍ରରେ ୧୫,୦୦୦ ପଶ୍ଚିମବଙ୍ଗରେ ୮,୨୦୭ ଗୁଜରାଟରେ ୭,୦୦୦ ଛତିଶଗଡ଼ରେ ୬,୦୪୦ ଆସାମରେ ୫,୯୫୩ କର୍ଣ୍ଣାଟକରେ ୩,୪୦୦ ସ୍କୁଲ ବନ୍ଦ କରାଯାଇଛି।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

---

## *ମଞ୍ଜି ଆଇନ . . .*

*(୩ୟ ପୃଷ୍ଠାର ଅବଶିଷ୍ଟାଂଶ)*

କାଗଜରେ ପ୍ରକାଶ ପାଏ। ମାତ୍ର କୁମ୍ଭୀର କାନ୍ଦଣା ବ୍ୟତୀତ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ଦଳର ସରକାର ମାନେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସରକାର ଜାଣିଶୁଣି ଚାଷୀମାନଙ୍କୁ ଶୋଷଣ କରିବା ପାଇଁ ଏକଚାଟିଆ କୃଷି ବ୍ୟବସାୟୀ କମ୍ପାନୀ ମାନଙ୍କୁ ଲଗାମଛଡା ସୁଯୋଗ ଦେଉଛନ୍ତି।

**ମଞ୍ଜି ଆଇନ ୨୦୨୫ରେ ଥିବା ଅନ୍ୟାନ୍ୟ ଚାଷୀ ସ୍ୱାର୍ଥ ବିରୋଧି ବ୍ୟବସ୍ଥା -**

ବର୍ତ୍ତମାନ କେନ୍ଦ୍ର ବିଜେପି ସରକାରର ପ୍ରସ୍ତାବିତ ମଞ୍ଜି ଆଇନ-୨୦୨୫ର ଅନ୍ୟ କେତେକ ମାରାତ୍ମକ ଦିଗ ଉପରେ ଆଲୋଚନା କରାଯାଉ। ଏହି ଆଇନ ଅନୁଯାୟୀ ମଞ୍ଜି କହିଲେ ସମସ୍ତ ପ୍ରକାର ମଞ୍ଜି, ବିଭିନ୍ନ ଧରଣର ଗଛର ଅଂଶବିଶେଷ, ଯେଉଁ ଅଂଶରୁ ନୂଆ ଗଛ ସୃଷ୍ଟି ହୋଇପାରେ। ମାତ୍ର ମଞ୍ଜି ଆଇନ ୧୯୬୬ ଅନୁଯାୟୀ ମଞ୍ଜି କହିଲେ କେତେକ ନିର୍ଦ୍ଦିଷ୍ଟ ମଞ୍ଜିକୁ ବୁଝାଉଥିଲା। ସାଧାରଣ ଭାବରେ ଆମେ ଯାହାକୁ ମଞ୍ଜି ବା ବିହନ ବୋଲି ବୁଝୁ ୧୯୬୬ ଆଇନରେ ମୋଟାମୋଟି ମଞ୍ଜିର ସଂଜ୍ଞା ତାହା ହିଁ ଥିଲା। ଏହାର ଅର୍ଥ ହେଉଛି ମଞ୍ଜିର ସଂଜ୍ଞା ଅଧିକରୁ ଅଧିକ ବ୍ୟାପକ ଓ ବିସ୍ତାରିତ କରି ଏକଚାଟିଆ କୃଷି ବ୍ୟବସାୟୀ ମାନଙ୍କର ମୁନାଫା ଲୁଟ ପାଇଁ ସରକାର ସମଗ୍ର କ୍ଷେତ୍ରକୁ ଆହୁରି ଖୋଲି ଦେଇଛନ୍ତି। କମ୍ପାନୀମାନେ ବିକ୍ରି କରୁଥିବା ନକଲି ବିହନ କିଣି ଚାଷୀ କ୍ଷତିଗ୍ରସ୍ତ ହେଲେ ଚାଷୀକୁ କ୍ଷତିପୂରଣ ଦେବାପାଇଁ ଏହି ବିଲରେ କୌଣସି ବ୍ୟବସ୍ଥା ନାହିଁ। ଚାଷୀ ପାଇଁ ଏକମାତ୍ର ରାସ୍ତା ହେଉଛି ଆଇନଗତ ଲଢେଇ। ମାତ୍ର ବିଶାଳକାୟ ଘରୋଇ ବହୁଜାତୀୟ କମ୍ପାନୀ ମାନଙ୍କ ବିରୁଦ୍ଧରେ ଆଇନଗତ ଲଢେଇ କରି କ୍ଷତିପୂରଣ ପାଇବା ଯେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପାଇଁ କାର୍ଯ୍ୟତଃ ଅସମ୍ଭବ ସେକଥା କାହାରିକୁ ବୁଝାଇ କହିବାର ଆବଶ୍ୟକତା ନାହିଁ। କେବଳ ସେତିକି ନୁହେଁ ଏହି ଆଇନ ଅନୁଯାୟୀ ବ୍ୟକ୍ତିଗତ ଭାବରେ ଜଣେ ଚାଷୀ ପାରମ୍ପରିକ ବିହନ ସଂରକ୍ଷଣ ଓ ବିତରଣ କରିପାରିଲେ ମଧ୍ୟ କୃଷକ ମାନଙ୍କର ସଂଗଠନ (Farmer Producers Organisations) ମହିଳା ମାନଙ୍କର ଯୌଥ ମଞ୍ଜି ସଂଗଠନ (Seed Collective) ଗୁଡିକୁ ବ୍ୟବସାୟିକ ସଂସ୍ଥା ଭାବରେ ବିଚାର କରାଯିବ ଏବଂ ସେମାନଙ୍କୁ ଏଥିପାଇଁ ଲାଇସେନ୍ସ କରିବାକୁ ହେବ, ଲାଇସେନ୍ସ ଫି ଦେବାକୁ ହେବ। ଏ କ୍ଷେତ୍ରରେ ମଧ୍ୟ ଏହି ସଂଗଠନ ଗୁଡିକୁ ବଡ ବଡ ଏକଚାଟିଆ କମ୍ପାନୀ ମାନଙ୍କ ସହିତ ସମାନ ବୋଲି ବିଚାର କରାଯିବ। କେବଳ ଜରୁରୀକାଳୀନ ପରିସ୍ଥିତିରେ ହିଁ ସରକାର ହସ୍ତକ୍ଷେପ କରିବେ ବୋଲି ଆଇନରେ ବ୍ୟବସ୍ଥା ଥିଲେ ମଧ୍ୟ ଏଥିପାଇଁ ସରକାରଙ୍କ କୌଣସି ବାଧ୍ୟବାଧକତା ନାହିଁ। ଆହୁରି ମଧ୍ୟ ଏହି ଆଇନ ଅନୁଯାୟୀ ଯେଉଁ କମ୍ପାନୀ ବିଭିନ୍ନ ପ୍ରକାର ମଞ୍ଜି ବା ଗଛ ପାଇଁ ରେଜିଷ୍ଟ୍ରେସନ କରିବ ସେହି କମ୍ପାନୀ ହିଁ ମଞ୍ଜି, ବିହନ, ଚାରା ବା କଲମିର ଦର ନିର୍ଦ୍ଧାରଣ କରିବ।

ଉଲ୍ଲେଖ କରିବା ବାହୁଲ୍ୟ ଏହି ବିଲ୍‌ରେ ରହିଥିବା ବାଧ୍ୟତାମୂଳକ ରେଜିଷ୍ଟ୍ରେସନ ବ୍ୟବସ୍ଥା ଫଳରେ ସମଗ୍ର ଦେଶରେ କୁଟୀର ଶିଳ୍ପ ଭଳି ବିସ୍ତାରଲାଭ କରିଥିବା ମଞ୍ଜି କାରବାର ଓ ନର୍ସରୀ ଗୁଡିକ ନିଶ୍ଚିତ ଭାବରେ ବନ୍ଦ ହେବ। କାରଣ ଏହି ବିଲ ଅନୁଯାୟୀ ରେଜିଷ୍ଟ୍ରେସନ କରିବାକୁ ହେଲେ ଆବଶ୍ୟକ କାଗଜ ପତ୍ର ଯୋଗାଡ କରିବା ଏମାନଙ୍କ ପାଇଁ କାର୍ଯ୍ୟତଃ ଅସମ୍ଭବ ହେବ। ପୁଣି ଏହି ବିଲ ଅନୁଯାୟୀ ବିହନ, ମଞ୍ଜି ବା ସେହିଧରଣର କ୍ଷେତ୍ରରେ କାରବାର କରୁଥିବା ସଂସ୍ଥା ଗୁଡିକୁ ଇଣ୍ଟରନେଟ୍ ଜରିଆରେ ସରକାରଙ୍କୁ ଲଗାତର ବିଷଦ ବିବରଣୀ ଯୋଗାଇବାକୁ ହେବ, ଏହା ଗ୍ରାମାଂଚଳରେ ସମସ୍ୟା ସୃଷ୍ଟି କରିବା ନିଶ୍ଚିତ। ଏହାଫଳରେ କୃଷି ସହିତ ଯୁକ୍ତ ବିପୁଳ ସଂଖ୍ୟକ ଲୋକ ଦୁରାବସ୍ଥାର ଶୀକାର ହେବେ।

ପୁନଶ୍ଚ ଏହି ବିଲ୍‌ରେ ବିଦେଶରେ ପରୀକ୍ଷିତ ହୋଇଥିବା ଗୁଣସୁତ୍ର ସ୍ତରରେ ପରିବର୍ତ୍ତିତ (Genetically Modified) କିମ୍ବା ପେଟେଣ୍ଟ ହାସଲ କରିଥିବା ବିହନ ବା ମଞ୍ଜି ଭାରତର କୃଷି କ୍ଷେତ୍ରରେ ପ୍ରବେଶ କରିବ। ଉପଯୁକ୍ତ ପରୀକ୍ଷା ନିରୀକ୍ଷାକୁ ବାଦଦେଇ ଗୁଣସୁତ୍ର ସ୍ତରରେ ପରିବର୍ତ୍ତନ ଘଟାଇ ସୃଷ୍ଟି କରାଯାଇଥିବା (Genetically Modified or engineered) ମଞ୍ଜିକୁ ଭାରତର କୃଷି କ୍ଷେତ୍ରରେ ଅବାଧ ପ୍ରବେଶର ସୁଯୋଗ ଦେଲେ ମଣିଷ ଶରୀର ଓ ପରିବେଶ ଉପରେ ଏହାର ପାର୍ଶ୍ୱପ୍ରଭାବ ଭୟଙ୍କର ହୋଇପାରେ। ଏହାବ୍ୟତୀତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହି ପ୍ରକ୍ରିୟାରେ ଚାଷ ଛାଡିବାକୁ ବାଧ୍ୟ ହେବେ ବୋଲି ପ୍ରକାଶ ପାଉଥିବା ଆଶଂକା ଅମୂଳକ ନୁହେଁ। ଏହି ଉଦ୍ଦେଶ୍ୟରେ ହିଁ କେନ୍ଦ୍ର ସରକାର ତିନିଟି କଳା କୃଷି ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଗୁଡିକର ଉଦ୍ଦେଶ୍ୟ ଥିଲା ଏକ ଧକ୍କାରେ ଦେଶର ସମସ୍ତ ଜମି, ଚାଷ ପାଇଁ ଆବଶ୍ୟକ ସାର, ବିହନ, ପୋକମରା ଔଷଧ କୃଷି ଯନ୍ତ୍ରପାତି ଓ ସମଗ୍ର କୃଷି ବଜାରକୁ ଏକଚାଟିଆ କୃଷି ବ୍ୟବସାୟୀ ମାନଙ୍କ ହାତକୁ ଟେକିଦେବା। ମାତ୍ର ଐତିହାସିକ ଚାଷୀ ଆନ୍ଦୋଳନ ଫଳରେ ସରକାର ଏଥିରେ ସଫଳ ହୋଇନାହାନ୍ତି। ସେଥିପାଇଁ ଧିରେ ଧିରେ ସେହି ଲକ୍ଷ୍ୟ ହାସଲ କରିବାକୁ ଉଦ୍ୟମ କରୁଛନ୍ତି। ମଞ୍ଜି ବିଲ୍ ୨୦୨୫ ହେଉଛି ସେହି ଉଦ୍ୟମର ଅଂଶ ବିଶେଷ।

ଏହାବ୍ୟତୀତ ମଞ୍ଜି ଆଇନ-୨୦୨୫ ଲାଗୁ ହେଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ଗଢିଉଠିଥିବା ଆଇସିଏଆର(ICAR) ପରିଚାଳିତ ଗବେଷଣାଗାର ଗୁଡିକ ସମେତ ବିଭିନ୍ନ ରାଜ୍ୟର କୃଷି ବିଭାଗ ଦ୍ୱାରା ପରିଚାଳିତ ଗବେଷଣାଗାର ଓ କୃଷି ବିଶ୍ୱବିଦ୍ୟାଳୟ ମାନଙ୍କରେ ଗବେଷଣା କାର୍ଯ୍ୟ ବସ୍ତୁତଃ ସଂପୂର୍ଣ୍ଣ ବନ୍ଦ ହେବ। ସମଗ୍ର ବିହନ ମଞ୍ଜି ଓ ଏହାସହିତ ଯୁକ୍ତ କ୍ଷେତ୍ରଟି ଏକଚାଟିଆ ବ୍ୟବସାୟୀ ମାନଙ୍କ ନିୟନ୍ତ୍ରଣକୁ ଚାଲିଯିବ। ପୁନଶ୍ଚ ଏହି ବିଲ୍ ଆଇନରେ ପରିଣତ ହେଲେ କୃଷି କ୍ଷେତ୍ରରେ ଦେଶର ସଂଘିୟ ବ୍ୟବସ୍ଥାକୁ ଦୁର୍ବଳ କରିବ। ରାଜ୍ୟ ସରକାରମାନଙ୍କ କୃଷିକ୍ଷେତ୍ରରେ କାର୍ଯ୍ୟତଃ କିଛି କରିବାର ସୁଯୋଗ ରହିବ ନାହିଁ। ମୋଟ ଉପରେ ମଞ୍ଜି ବିଲ୍-୨୦୨୫ ସମଗ୍ର ମଞ୍ଜି କାରବାର କ୍ଷେତ୍ରକୁ ଏକଚାଟିଆ କୃଷି ବ୍ୟବସାୟୀ ମାନଙ୍କ ହାତକୁ ସଂପୂର୍ଣ୍ଣ ଟେକି ଦେବା ଉଦ୍ଦେଶ୍ୟରେ ରଚିତ ଏକ ଅତ୍ୟନ୍ତ କୃଷକ ସ୍ୱାର୍ଥ ବିରୋଧି ଓ ଜନସ୍ୱାର୍ଥ ବରୋଧି ବିଲ୍।

**ଲଢେଇ ପାଇଁ ଚାଷୀମାନେ ପ୍ରସ୍ତୁତ ହେଉଛନ୍ତି -**

ଉପର ଆଲୋଚନାରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ, କୃଷି କ୍ଷେତ୍ରରେ କାରବାର କରୁଥିବା ଏକଚାଟିଆ ପୁଞ୍ଜିପତି ମାନଙ୍କୁ ମୁନାଫା ଅର୍ଜନର ଲଗାମଛଡା ସୁଯୋଗ ଦେବାପାଇଁ ହିଁ କେନ୍ଦ୍ର ବିଜେପି ସରକାର ମଞ୍ଜି ବିଲ୍-୨୦୨୫ ଉପସ୍ଥାପନ କରିଛି। ଏହାଦ୍ୱାରା ଦେଶର ସାଧାରଣ ଚାଷୀ ସର୍ବସ୍ୱାନ୍ତ, ତଳିତଳାନ୍ତ ହେବ। କେନ୍ଦ୍ର ବିଜେପି ସରକାରର ଜନବିରୋଧି ଚରିତ୍ର ଦିନକୁ ଦିନ ସ୍ପଷ୍ଟ ଭାବରେ ପ୍ରତୀୟମାନ ହେଉଛି। କେନ୍ଦ୍ର ବିଜେପି ସରକାରକୁ ତିନିଟି କଳା କୃଷି ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ କରିଥିବା ଦିଲ୍ଲୀ ସୀମାନ୍ତରେ ଗଢିଉଠିଥିବା ଐତିହାସିକ ଚାଷୀ ଆନ୍ଦୋଳନର ବିଜୟ ଶୋଷିତ କୃଷକ ମାନଙ୍କ ନିକଟରେ ଏକ ପ୍ରେରଣାର ଉତ୍ସ ଭାବରେ ରହିଛି।

ଏହି ଆନ୍ଦୋଳନ ଫଳରେ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ସମଗ୍ର ଦେଶର ଚାଷୀ ଆଜି ପୁନର୍ବାର ଏକ

★★★

# "ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍" ଉଚ୍ଚଶିକ୍ଷାର ସଂପୂର୍ଣ୍ଣ କେନ୍ଦ୍ରୀକରଣର ଏକ ନଗ୍ନ ପ୍ରୟାସ

କେନ୍ଦ୍ର ସରକାର ଗତ ଡିସେମ୍ବର ୧୫ତାରିଖ ଦିନ ଲୋକସଭାରେ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ', VBSA ନାଁରେ ଏକ ବିଲ୍ ଆଗତ କରିଥିଲେ। ଦେଶବ୍ୟାପୀ ବିଭିନ୍ନ ସ୍ତରର ବୁଦ୍ଧିଜୀବୀମାନଙ୍କ ତରଫରୁ ଏବଂ ପାର୍ଲିଆମେଣ୍ଟ ଭିତରେ ପ୍ରବଳ ବିରୋଧ ଫଳରେ ସରକାର ବାଧହୋଇ ଏହି ବିଲ୍‌କୁ ଜେପିସି ବା ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦେଇଛନ୍ତି। ଇତିମଧ୍ୟରେ ୩୧ଜଣିଆ ଯୁଗ୍ମ ସଂସଦୀୟ କମିଟି(Joint Parliamentary Committee) ଗଠିତ ହୋଇଛି, ଯେଉଁଥିରେ ଓଡିଶାରୁ ଜଣେ ବିଜେପି ସାଂସଦ ଏବଂ ଜଣେ ବିଜେଡି ରାଜ୍ୟସଭା ସଦସ୍ୟ ଅଛନ୍ତି। ଅନ୍ୟପଟରେ ଏହି ବିଲ୍‌କୁ ନେଇ ସାରା ଦେଶର ଶିକ୍ଷାବିତ, ବୁଦ୍ଧିଜୀବୀ ଓ ସଚେତନ ଛାତ୍ର ମାନଙ୍କ ପକ୍ଷରୁ ନାନା ଧରଣର ଆଶଂକା ପ୍ରକାଶ ପାଇଛି। ତେବେ ଆସନ୍ତୁ ଏହି ବିଲ୍ ଭିତରେ କଣ ଅଛି ତର୍ଜମା କରିବା।

**ଭିବିଏସ୍‌ଏ ପରିସର –** ପୂର୍ବରୁ ଉଚ୍ଚଶିକ୍ଷାକୁ ଅନୁଦାନ ପ୍ରଦାନ କରିବା ଏବଂ ପରିଚାଳନା କରିବା ପାଇଁ ଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି), ଏଆଇସିଟିଇ All India Council for Technical Education (AICTE), ଏବଂ **ଏନ୍‌ସିଟିଇ** National Council for Teacher Education (NCTE) ଭଳି କେନ୍ଦ୍ରୀୟ ସଂସ୍ଥା ଗୁଡିକୁ ଉଚ୍ଛେଦ କରି ଏହା ସ୍ଥାନରେ ଏକକ କେନ୍ଦ୍ରୀୟ ସଂସ୍ଥା ଭାବେ ଏହି 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ବା ଭିବିଏସ୍‌ଏ ପ୍ରତିଷ୍ଠା କରିବା ପାଇଁ ବିଲ୍ ଅଣାଯାଇଛି। ଏହା ଅଧିନରେ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟ, ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସମସ୍ତ ଜାତୀୟସ୍ତରର ଉତ୍କର୍ଷ ଶିକ୍ଷାନୁଷ୍ଠାନ, ଏଆଇସିଟିଇ ଅଧିନରେ ଥିବା ସମସ୍ତ ଇଂଜିନିଅରିଙ୍ଗ କଲେଜ, ଏନ୍‌ସିଟିଇ ଅଧିନରେ ଥିବା ସମସ୍ତ ଶିକ୍ଷକ ଶିକ୍ଷା ଅନୁଷ୍ଠାନ, ସମସ୍ତ ଆରଚିଟେକ୍ କଲେଜ, ସମସ୍ତ ମୁକ୍ତ ଏବଂ ଦୂର ଶିକ୍ଷାନୁଷ୍ଠାନ, ସମସ୍ତ ଅନ୍‌ଲାଇନ୍ ଶିକ୍ଷାନୁଷ୍ଠାନ ସହିତ ସମସ୍ତ ଆଇଆଇଟି, ଆଇଆଇଏସଇଆର, ଆଇଆଇଏସ ଭଳି ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟ ଏହି ନୂତନ ସଂସ୍ଥା ଦ୍ୱାରା ପରିଚାଳିତ ହେବ।

କହିବାକୁ ଗଲେ ଭିବିଏସ୍‌ଏ ଅଧିନରେ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ, କଲେଜ, ସମସ୍ତ ଇଂଜିନିୟରିଂ କଲେଜ, ଶିକ୍ଷକ ଶିକ୍ଷା ଅନୁଷ୍ଠାନ, ଆରଚିଟେକ୍ କଲେଜ ଠାରୁ ଆରମ୍ଭ କରି ସମସ୍ତ IIT, NISER, IISER, IIS ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ପରିଚାଳିତ ହେବ।

**ଏହାର ରୂପରେଖ –** ଏହା ଅଧିନରେ ୩ଟି କାଉନ୍‌ସିଲ୍ ରହିବ ଯଥା ୧) ରେଗୁଲେଟୋରୀ କାଉନ୍‌ସିଲ ବା ବିକଶିତ ଭାରତ ଶିକ୍ଷା ଵିନିୟମାନ୍ ପରିଷଦ ୨) ଆକ୍ରିଡେସନ୍ କାଉନ୍‌ସିଲ ବା ବିକଶିତ ଭାରତ ଶିକ୍ଷା ଗୁଣ୍‌ବତ୍ତା ପରିଷଦ ୩) ଷ୍ଟାଣ୍ଡାଡ କାଉନ୍‌ସିଲ ବା ବିକଶିତ ଭାରତ ଶିକ୍ଷା ମାନକ ପରିଷଦ।

**ସଦସ୍ୟ –** ଭିବିଏସ୍‌ଏର ମୁଖ୍ୟ ଭାବେ ରହିବେ ଅଧ୍ୟକ୍ଷ ବା ଚେୟାରପରସନ୍ ଏବଂ ତାଙ୍କ ସହିତ ଆଉ ୧୨ଜଣ ସଦସ୍ୟ। ୩ଟି କାଉନ୍‌ସିଲର ସଭାପତି (ex officio) ମେମ୍ବର ହିସାବରେ ରହିବେ, କେନ୍ଦ୍ର ଶିକ୍ଷା ସଚିବ ପଦବୀ ବଳରେ ex officio ମେମ୍ବର ହିସାବରେ ରହିବେ, ଦୁଇ ଜଣ ଶିକ୍ଷାବିତ୍ ରାଜ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପାର୍ଟଟାଇମ୍ ମେମ୍ବର ହିସାବରେ ରହିବେ, ୫ଜଣ ବିଶେଷଜ୍ଞ ପାର୍ଟଟାଇମ୍ ମେମ୍ବର ହିସାବରେ ରହିବେ, ମେମ୍ବର ସେକ୍ରେଟାରୀ ଯିଏ କି ଏହି କମିଟିରେ ଫୁଲ୍‌ଟାଇମ ମେମ୍ବର, ସେ ଚିଫ୍ ଏକ୍ସିକ୍ୟୁଟିଭ୍ ଅଫିସର ଭାବେ କାମ କରିବେ ଜଣେ କେନ୍ଦ୍ର ବରିଷ୍ଠ ସଚିବ ସ୍ତରର ହୋଇଥିବେ। ପ୍ରତ୍ୟେକ ପରିଷଦରେ ସଭାପତିଙ୍କ ସହିତ ଆଉ ୧୪ ଜଣ ସଦସ୍ୟ ରହିବାର କଥା କୁହାଯାଇଛି। ଦୁଇ ଜଣ ଶିକ୍ଷାବିତ୍ ଫୁଲ୍‌ଟାଇମ୍ ମେମ୍ବର ଏବଂ ୩ଜଣ ସଭ୍ୟ ଉତ୍କର୍ଷ ଶିକ୍ଷାନୁଷ୍ଠାନରୁ ପାର୍ଟଟାଇମ୍ ମେମ୍ବର ହିସାବରେ ରହିବେ, ଜଣେ କେନ୍ଦ୍ର ଶିକ୍ଷା ବିଭାଗରୁ ex officio ମେମ୍ବର ହିସାବରେ ରହିବେ, ଦୁଇ ଜଣ ଶିକ୍ଷାବିତ୍ ରାଜ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପାର୍ଟଟାଇମ୍ ମେମ୍ବର ହିସାବରେ ରହିବେ, ଦୁଇ ଜଣ ବିଶେଷଜ୍ଞ ପାର୍ଟଟାଇମ୍ ମେମ୍ବର ହିସାବରେ ରହିବେ, ଜଣେ କରି ପରିଷଦରୁ ex officio ମେମ୍ବର ହିସାବରେ ରହିବେ, ଜଣେ ମେମ୍ବର ରୋଟେସନ୍‌ରେ ରାଜ୍ୟ-କେନ୍ଦ୍ରଶାସିତ ଅଞ୍ଚଳରୁ ରହିବେ, କମିଟିର ମେମ୍ବର ସେକ୍ରେଟାରୀ ଯିଏ କି ଫୁଲ୍‌ଟାଇମ ମେମ୍ବର ଭାବେ ରହିବେ ଜଣେ ଯୁଗ୍ମ ସଚିବ ସ୍ତରର ହୋଇଥିବେ ବା କାମ କରିଥିବେ।

**ନିଯୁକ୍ତି –** ୩ଟି କାଉନ୍‌ସିଲର ସଭାପତି ଏବଂ ଫୁଲ୍‌ଟାଇମ ମେମ୍ବର ସେମାନଙ୍କୁ ରାଷ୍ଟ୍ରପତି, ଚୟନ କମିଟିର (Search-cum-Selection Committee)ର ସୁପାରିଶ ଆଧାରରେ ନିଯୁକ୍ତି ପ୍ରଦାନ କରିବେ। ତିନି ଜଣିଆ ଚୟନ (Search-cum-Selection Committee) କମିଟିକୁ ମଧ୍ୟ କେନ୍ଦ୍ର ସରକାର ହିଁ ଗଠନ କରିବେ। ଭିବିଏସ୍‌ଏ ଏବଂ ୩ଟି କାଉନ୍‌ସିଲର ex officio ସଦସ୍ୟଙ୍କୁ ଛାଡି ଅନ୍ୟାନ୍ୟ ମେମ୍ବର ମାନଙ୍କୁ କେନ୍ଦ୍ର ସରକାରଙ୍କ ସୁପାରିଶ କ୍ରମେ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରିବେ। ଭିବିଏସ୍‌ଏର ଏବଂ କାଉନ୍‌ସିଲର ମେମ୍ବର ସେକ୍ରେଟାରୀଙ୍କୁ ସିଧାସଳଖ କେନ୍ଦ୍ର ସରକାର ନିଯୁକ୍ତି ଦେବେ। ଅର୍ଥାତ୍ କେନ୍ଦ୍ର ସରକାର ହିଁ ଏହି ସମସ୍ତ କମିଟି ଗୁଡିକର ହର୍ତ୍ତା କର୍ତ୍ତା ଦଇବ ବିଧାତା।

**ନିଯୁକ୍ତି ସମୟକାଳ –** ଚେୟାରପରସନ୍, କାଉନ୍‌ସିଲ୍ ସଭାପତିଙ୍କ କାର୍ଯ୍ୟକାଳ ୩ରୁ ୫ବର୍ଷ ଏବଂ ex officio ମେମ୍ବର ମାନଙ୍କୁ ଛାଡି ଅନ୍ୟାନ୍ୟ ସଭ୍ୟ ମାନଙ୍କର କାର୍ଯ୍ୟକାଳ ୩ବର୍ଷ ଏବଂ ରାଜ୍ୟ-କେନ୍ଦ୍ରଶାସିତ ଅଂଚଳରୁ ୧ବର୍ଷ କରି ମେମ୍ବର ରୋଟେସନ୍‌ରେ ରହିବେ।

**କ୍ଷମତା ପରିସର –** କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଏହି ସଂସ୍ଥା ଦେଶର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ପରିଚାଳନା କରିବ। ଏନ୍‌ଇପି-୨୦୨୦ ସୁପାରିଶ କରିଥିବା ବହୁବିଷୟ ଭିତ୍ତିକ ବଡ ଶିକ୍ଷାନୁଷ୍ଠାନ (large multi-disciplinary education and

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ଏଆଇଡିୱାଇଓ ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ଆଲୋଚନା ଚକ୍ର ଅନୁଷ୍ଠିତ




ଦଶରଥପୁର ବ୍ଲକ୍‌ର ମଙ୍ଗଳପୁର ଏସୟୁସିଆଇ(କମ୍ୟୁନିଷ୍ଟ)ପାର୍ଟି ଅଫିସରେ ମାର୍ଚ୍ଚ ୭ ତାରିଖରେ ଏଆଇଡିୱାଇଓ ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ ଏସୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ ଶଙ୍କର ଦାଶଗୁପ୍ତ। ସାରା ଜିଲ୍ଲାରୁ ପାଖାପାଖି ଏକଶହ ଅଂଶଗ୍ରହଣକାରୀ ପ୍ରତିନିଧି ଏହି ଆଲୋଚନା ସଭାରେ ଯୋଗ ଦେଇଥିଲେ। ବେକାରୀ ସମସ୍ୟା, ଅପସଂସ୍କୃତି, ନୀତି ନୈତିକତାର ସ୍ଖଳନ ଓ ମାନବିକ ମୂଲ୍ୟବୋଧର ଅଧଃପତନ ସାଙ୍ଗକୁ ମାଦକ ଦ୍ରବ୍ୟର ବହୁଳ ପ୍ରଚାର ପ୍ରସାରର କାରଣ ଓ ଏହାର ସ୍ଥାୟୀ ସମାଧାନର ଉପାୟ ସଂପର୍କିତ ପ୍ରଶ୍ନ ଉପରେ ସାମଗ୍ରିକ ଆଲୋଚନା କରିଥିଲେ କମ୍ରେଡ ଶଙ୍କର ଦାଶଗୁପ୍ତ। କମ୍ରେଡ୍ ଦାସଗୁପ୍ତ କହିଥିଲେ ଯେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଯେଉଁ ବିଭିନ୍ନ ସୋପାନ ଦେଇ ଅତିକ୍ରମ କରିଥାଏ ସେଥି ମଧ୍ୟରୁ ଯୌବନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୋପାନ। ଯୌବନର ଅର୍ଥ ଉଭୟ ଶାରୀରିକ ଓ ମାନସିକ କ୍ଷେତ୍ରରେ କିଛି ସୃଷ୍ଟି କରିବାର କ୍ଷମତା ଅର୍ଜନ। ଏହି କ୍ଷମତାକୁ ଶାସକ ଶ୍ରେଣୀ ନିଜର ମୁନାଫାର ସ୍ୱାର୍ଥରେ ଧ୍ୱଂସାତ୍ମକ କାମରେ ବ୍ୟବହାର କରୁଛି। ତା'ର ବିପରୀତରେ ମହାନ୍ ମାର୍କ୍ସବାଦୀ ଦାର୍ଶନିକ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ଆଧାର କରି ଗଢ଼ିଉଠିଥିବା ଏକମାତ୍ର ଯୁବ ସଂଗଠନ ଏଆଇଡ଼ିୱାଇଓ ଯୁବଶକ୍ତିକୁ ଉନ୍ନତ ଆଦର୍ଶ, ରୁଚି, ସଂସ୍କୃତି ଓ ମୂଲ୍ୟବୋଧର ଆଧାରରେ ସମାଜର ପରିବର୍ତ୍ତନ ପାଇଁ ସଂଗଠିତ କରୁଛି। ସେଥିପାଇଁ ବ୍ୟାପକ ଯୁବକ ମାନଙ୍କ ଭିତରକୁ ଏହି ଆଦର୍ଶକୁ ନେଇଯିବା ମଧ୍ୟଦେଇ ସେମାନଙ୍କୁ ସଙ୍ଗଠିତ କରିବାକୁ ସେ ଉପସ୍ଥିତ କମ୍ରେଡ୍ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ଏଆଇଡ଼ିୱାଇଓ ରାଜ୍ୟ ସମ୍ପାଦକ କମ୍ରେଡ କେଦାରନାଥ ସାହୁ, ଯାଜପୁର ଜିଲ୍ଲା ସଭାପତି କମ୍ରେଡ ସୁବାସ ମଲ୍ଲିକ,ସମ୍ପାଦକ କମ୍ରେଡ ପ୍ରଶାନ୍ତ ସ୍ୱାଇଁଙ୍କ ସମେତ ରାଜ୍ୟ ଓ ଜିଲ୍ଲାର ବହୁ ନେତୃ ସ୍ଥାନୀୟ ସଙ୍ଗଠକ ଉପସ୍ଥିତ ଥିଲେ।

# କମ୍ରେଡ ବୁଧୁଁ ମୁଣ୍ଡାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି



ଏସୟୁସିଆଇ(କମ୍ୟୁନିଷ୍ଟ) ତେଲକୋଇ ବ୍ଲକ ସଙ୍ଗଠନ ପକ୍ଷରୁ ମାର୍ଚ୍ଚ ୧୩ତାରିଖ ଶୁକ୍ରବାର ଦିନ ୧ଘଟିକା ସମୟରେ ପାର୍ଟିର ଦୃଢ ସମର୍ଥକ କମ୍ରେଡ ବୁଧୁଁ ମୁଣ୍ଡାଙ୍କ ସ୍ମୃତିସଭା ତାଙ୍କ ଗ୍ରାମ ମଳଣ୍ଡା ରେ ଅନୁଷ୍ଠିତ ହୋଇ ଯାଇଛି। ତାଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ସଭାରେ ପାର୍ଟିର ହରିଚନ୍ଦନପୁର ବ୍ଲକର ସଙ୍ଗଠକ କମ୍ରେଡ କାଇତା ସର୍ଦ୍ଦାର, କମ୍ରେଡ ରଇନ ଦିଗୀ ଏବଂ ତେଲକୋଇ ବ୍ଲକର ସଙ୍ଗଠକ କାରୁ ହେମ୍ବ୍ରମ, ବାଗୁନ ମୁଣ୍ଡା, ଦାମୋଦର ମୁଣ୍ଡା ପ୍ରମୁଖଙ୍କ ସମେତ ପାର୍ଟିର ସ୍ଥାନୀୟ କର୍ମୀମାନେ ଉପସ୍ଥିତ ରହି କମ୍ରେଡ ବୁଧୁଁ ମୁଣ୍ଡା ଙ୍କ ପ୍ରତି ଗଭୀର ବିପ୍ଲବୀ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥଲେ। ସଭାର ପ୍ରାରମ୍ଭରେ ବୁଧୁଁ ମୁଣ୍ଡା ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏଠାରେ ପ୍ରକାଶ ଥାଉକି କମ୍ରେଡ୍ ମୁଣ୍ଡା ଫେବୃୟାରୀ ୨୮ ତାରିଖରେ କେନ୍ଦୁଝର ଜିଲ୍ଲାର ଡିଙ୍କିକୋଟ ଠାରେ ତାଙ୍କ ବନ୍ଧୁ ଘରେ ଥିବା ସମୟରେ ଅସୁସ୍ଥ ହୋଇ ପାଟଣା ଡାକ୍ତରଖାନାରେ ଆଡ଼ମିଶନ ହୋଇଥିଲେ। ମାତ୍ର ଅତ୍ୟନ୍ତ ଦୁଃଖର କଥା ମାତ୍ର ୪୩ବର୍ଷ ବୟସରେ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ସେହିଦିନ ରାତିରେ ହିଁ ତାଙ୍କର ମୃତ୍ୟୁ ଘଟିଲା। ତାଙ୍କର ମୃତ୍ୟୁରେ ସେ ଅଞ୍ଚଳରେ ପାର୍ଟି ସଂଗଠନ ଗଭୀର ଭାବରେ କ୍ଷତିଗ୍ରସ୍ତ ହୋଇଛି। ତାଙ୍କ ମୃତ୍ୟୁ ଖବର ପାଇ ପାର୍ଟି ରାଜ୍ୟ କମିଟି ସଦସ୍ୟ କମ୍ରେଡ ବିଜୟାନନ୍ଦ ମଲ୍ଲିକ ଗଭୀର ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କ ପ୍ରତି ବିପ୍ଲବୀ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହିତ ତାଙ୍କ ପରିବାର ଓ ଆତ୍ମୀୟ ସ୍ୱଜନ ମାନଙ୍କ ଦୁଃଖରେ ସମବେଦନା ଜଣାଇଛନ୍ତି।

କମ୍ରେଡ୍ ବୁଧୁଁ ମୁଣ୍ଡା ଲାଲ ସଲାମ

# କମ୍ରେଡ ସତ୍ୟରଞ୍ଜନ ପଣ୍ଡା ଲାଲ ସଲାମ



ଏସୟୁସିଆଇ(କମ୍ୟୁନିଷ୍ଟ,) ଯାଜପୁର ଜିଲ୍ଲା, ଦଶରଥପୁର ବ୍ଲକର ମଙ୍ଗଳପୁର ଆଂଚଳିକ କମିଟି ପରିଚାଳନାରେ କାର୍ଯ୍ୟରତ ଆବେଦନ କାରୀ ସଭ୍ୟ କମ୍ରେଡ ସତ୍ୟରଞ୍ଜନ ପଣ୍ଡା(ଟିକିନା) ଫେବ୍ରୁଆରୀ ୨୩ ତାରିଖରେ ୬୭ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ପାର୍ଟିର ଜିଲ୍ଲା ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ସୁରେନ୍ଦ୍ର ମଲ୍ଲିକ ତାଙ୍କ ପ୍ରତି ଗଭୀର ବିପ୍ଲବୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ଏବଂ ତାଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ବିକଶିତ . . .

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

research institutions) ପ୍ରତିଷ୍ଠା ଦିଗରେ ମଧ୍ୟ ଏହି ସଂସ୍ଥା କାମ କରିବ। ଦେଶର ସମସ୍ତ ଶିକ୍ଷାନୁଷ୍ଠାନ ଯେପରି ଗୁଣବତ୍ତା ଭିତ୍ତିରେ **ଗ୍ରେଡେଡ୍ ଅଟୋନମି ସ୍ୱାୟତତ୍ତା** ପାଇବେ ତାହା ଏହି ସଂସ୍ଥା ତଦାରଖ କରିବ। ଶିକ୍ଷାନୁଷ୍ଠାନ ଗୁଡିକୁ ଦିଗନିର୍ଦ୍ଦେଶ ପ୍ରଦାନ କରିବା ସହ ରୋଡ ମ୍ୟାପ ପ୍ରସ୍ତୁତ କରିବ। ଶିକ୍ଷା ମାନଦଣ୍ଡ ସ୍ଥିର କରିବା ଏବଂ ଭାରତୀୟ ଜ୍ଞାନ ବ୍ୟବସ୍ଥାକୁ ପ୍ରୋତ୍ସାହନ କରି ଶିକ୍ଷା ସହିତ ସମ୍ମିଶ୍ରଣ କରିବା, ବିଦେଶରେ ଭାରତୀୟ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପ୍ରତିଷ୍ଠା କରିବା, ଏନ୍ଇପି-୨୦୨୦କୁ ଲାଗୁ କରିବା ପାଇଁ ବ୍ୟବସ୍ଥା କରିବା, ଧନ୍ଦାମୂଳକ ଶିକ୍ଷାକୁ ଉଚ୍ଚ ଶିକ୍ଷା ସହିତ ସମ୍ମିଶ୍ରଣ କରିବା, କ୍ରେଡିଟ୍ ଟ୍ରାନ୍ସଫର, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ବ୍ୟବସ୍ଥାକୁ ସୁଗମ କରିବା ଇତ୍ୟାଦି କାମ ଏହି ସଂସ୍ଥା କରିବ।

**ଉଲ୍ଲଂଘନ / ଜୋରିମାନା** – ଏହି ବିଲ ମୁତାବକ ଏଥିରେ ଥିବା ନିୟମ, ବ୍ୟବସ୍ଥା ଅନୁଯାୟୀ ଯଦି କୌଣସି ଶିକ୍ଷାନୁଷ୍ଠାନ ପରିଚାଳିତ ନହୁଏ ବା କୌଣସି ବ୍ୟକ୍ତି ଆଇନ ଉଲ୍ଲଂଘନ କରନ୍ତି ତେବେ ରେଗୁଲେଟୋରୀ କାଉନ୍ସିଲ୍ ଉକ୍ତ ଶିକ୍ଷାନୁଷ୍ଠାନ ବା ବ୍ୟକ୍ତି ଉପରେ ପ୍ରଥମ ଦଫାରେ **୧୦ଲକ୍ଷ ଜୋରିମାନା ଦଣ୍ଡ ସ୍ୱରୂପ ଲଗାଇବ। ଛ ମାସ ମଧ୍ୟରେ ସୁଧାର ନକରି ପୁନଃ ସେହି ଭୁଲ କଲେ ତାହା ଉପରେ ୩୦ଲକ୍ଷ, ତାପରେ ୭୫ଲକ୍ଷ** ଏବଂ ପରିଶେଷରେ ଉକ୍ତ ଅନୁଷ୍ଠାନକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିବେ।

**କେନ୍ଦ୍ର ସରକାରଙ୍କ କ୍ଷମତା** - ସମସ୍ତ ନୀତିଗତ ପ୍ରଶ୍ନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶକୁ ଆଇନ ଅଧିନରେ ଥିବା ସମସ୍ତ ସଂସ୍ଥା ପାଳନ କରିବା ପାଇଁ ବାଧ୍ୟ। କେନ୍ଦ୍ର ସରକାର ଏବଂ ଏହି ଆଇନ ଅନୁଯାୟୀ ଗଠିତ କିମ୍ବା ପ୍ରତିଷ୍ଠିତ ଯେକୌଣସି ସଂସ୍ଥା ମଧ୍ୟରେ ନୀତିଗତ ପ୍ରଶ୍ନକୁ ନେଇ ମତଭେଦ ହେଲେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ହିଁ ଚୁଡାନ୍ତ। କେନ୍ଦ୍ର ସରକାର ଏହି କମିଶନ ବା ପରିଷଦ/କାଉନ୍ସିଲ୍କୁ ଉପଯୁକ୍ତ ମନେ କରୁଥିବା ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ କରିବାକୁ ନିର୍ଦ୍ଦେଶ ଦେଇପାରିବେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମୁତାବକ କମିଶନ କିମ୍ବା କାଉନ୍ସିଲ ଗୁଡିକ ଠିକ୍ ଭାବେ କାର୍ଯ୍ୟ ସଂପାଦନ ନକଲେ ବା ଆଇନର ବ୍ୟବସ୍ଥା ଅନୁଯାୟୀ କାମ କରିବା କ୍ଷେତ୍ରରେ ନିରନ୍ତର ଭାବେ ତ୍ରୁଟି କଲେ କେନ୍ଦ୍ର ସରକାର ଭାରତର ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଉକ୍ତ ସଂସ୍ଥାକୁ ମଧ୍ୟ ସୁପରସିଡ୍ କରି ପାରିବେ। ଅର୍ଥାତ୍ କହିବା ଭୁଲ ହେବ ନାହିଁ ଯେ ଏହି ସଂସ୍ଥା କେନ୍ଦ୍ର ସରକାରଙ୍କ ଏକ ବିଭାଗ ଭାବେ କାମ କରିବ।

**ସମଗ୍ର ଉଚ୍ଚଶିକ୍ଷାର କେନ୍ଦ୍ରୀକରଣ ପାଇଁ ନଗ୍ନ ପ୍ରୟାସ** – ପ୍ରଥମତଃ ଏଠି ଉଲ୍ଲେଖ ଯୋଗ୍ୟ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ସଂସ୍ଥା ଯଥା IIT, NISER, IISER, IIS ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡିକ ରାଜ୍ୟ ବିଧାନସଭା କିମ୍ବା ପାର୍ଲିଆମେଣ୍ଟ ଦ୍ୱାରା ପ୍ରଣୀତ ନିର୍ଦ୍ଦିଷ୍ଟ ଆଇନ ଦ୍ୱାରା ପ୍ରତିଷ୍ଠିତ ହୋଇଛି ଏବଂ ଆଇନ ଓ ନିୟମ (Act & Statute) ଦ୍ୱାରା ମଧ୍ୟ ପରିଚାଳିତ ହେଉଛି। ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ପ୍ରଫେସର ମାନଙ୍କ ନିଯୁକ୍ତି ଠାରୁ ଆରମ୍ଭ କରି ପାଠ୍ୟ ଖସଡା, ପାଠ୍ୟକ୍ରମ ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ମୂଲ୍ୟାୟନ, ଗବେଷଣା ଆଦି ସମସ୍ତ କିଛି ବିଶ୍ୱବିଦ୍ୟାଳୟର ସିନେଟ୍, ସିଣ୍ଡିକେଟ୍, ଏକାଡେମିକ୍ କାଉନ୍ସିଲ ଦ୍ୱାରା ପରିଚାଳିତ ହୁଏ। ଯାହାଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା କିଛିଟା ବଜାୟ ରଖାଯାଇ ପାରିଥିଲା। ଗତ କିଛି ବର୍ଷ ମଧ୍ୟରେ ସେ କେନ୍ଦ୍ର ହେଉ ବା ରାଜ୍ୟ ହେଉ ସରକାର ମାନଙ୍କର ବ୍ୟାପକ ହସ୍ତକ୍ଷେପ ଫଳରେ ବିଶ୍ୱବିଦ୍ୟାଳୟ ମାନଙ୍କର ସ୍ୱାୟତ୍ତତା ଦ୍ରୁତ ଲୋପ ପାଇ ବିଶ୍ୱବିଦ୍ୟାଳୟ ଗୁଡିକ ଯେ ସରକାରଙ୍କ ରବର ଷ୍ଟାମ୍ପରେ ପରିଣତ ହୋଇଛନ୍ତି ଏଥିରେ କାହାର ଦ୍ୱିମତ ନାହିଁ। ମାତ୍ର ଏହି ପରିସ୍ଥିତିରେ ଯେତେବେଳେ ୟୁଜିସି, ଏଆଇସିଟିଇ, ଏନ୍ସିଟିଇକୁ ଉଚ୍ଛେଦ କରି ଏହା ସ୍ଥାନରେ ଏକକ କେନ୍ଦ୍ରୀୟ ସଂସ୍ଥା ଭାବେ ଭିବିଏସ୍ଏ ପ୍ରତିଷ୍ଠା କରାଯାଉଛି ସେତେବେଳେ ବିଶ୍ୱବିଦ୍ୟାଳୟ ଗୁଡିକର ଭବିଷ୍ୟତ ଯେ କଣ ହେବ ତାହା ସମସ୍ତଙ୍କ ସମ୍ମୁଖରେ ପରିଷ୍କାର ହୋଇଯାଉଛି। ଯେଉଁ ଆଇନ ଦ୍ୱାରା ବିଶ୍ୱବିଦ୍ୟାଳୟ ଗୁଡିକ ସ୍ଥାପନ ହୋଇଛି ସେ ଗୁଡିକ ଯେ ଅକାର୍ଯ୍ୟକାରୀ ହେବ ଏଥିରେ ସନ୍ଦେହ ନାହିଁ।

ଦ୍ୱିତୀୟତଃ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକ ୟୁଜିସି ଏବଂ ଅନ୍ୟାନ୍ୟ ସଂସ୍ଥା ଠାରୁ ଅନୁଦାନ ପାଉଥିଲେ। ମାତ୍ର ଏହି ବିଲ୍ ଗୋଟେପଟେ ଅନୁଦାନ ଆୟୋଗକୁ ଉଚ୍ଛେଦ କରୁଛି ଅନ୍ୟପଟେ ଅନୁଦାନ ଦେବା ପ୍ରସଂଗରେ ସଂପୂର୍ଣ୍ଣ ନିରବ ରହିଛି। ଅର୍ଥାତ୍ ଶିକ୍ଷାନୁଷ୍ଠାନ ଗୁଡିକ ଅନୁଦାନ କେଉଁଠୁ ପାଇବେ ଏବଂ ଏସବୁ ଶିକ୍ଷାନୁଷ୍ଠାନର ଭବିଷ୍ୟତ କ'ଣ ହେବ ତାହା ସନ୍ଦେହ ଘରରେ। ଏଠାରେ କହି ରଖୁଛୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା, ଶିକ୍ଷାର ମାନ ରକ୍ଷା କରିବା, ଅନୁଦାନ ପ୍ରଦାନ କରିବା ପାଇଁ ୧୯୫୬ ମସିହାରେ ଏକ ସାଂବିଧାନିକ ସଂସ୍ଥା ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପ୍ରତିଷ୍ଠା କରାଯାଇଥିଲା। ଯାହାର ମୂଳ ଉଦ୍ଦେଶ୍ୟ ଥିଲା ବିଭିନ୍ନ ବିଶ୍ୱବିଦ୍ୟାଳୟ ମାନଙ୍କ ସହ ବିଚାର ବିମର୍ଷ ଭିତ୍ତିରେ ପାଠପଢା ଏବଂ ଗବେଷଣା ଆଦି କାମ ପାଇଁ ଅନୁଦାନ ପ୍ରଦାନ କରିବା ସହ ଏହାର ଉଚ୍ଚମାନ ରକ୍ଷାକରିବା ପାଇଁ ଉପଯୁକ୍ତ ପରାମର୍ଶ ଦେବା। ମାତ୍ର ଅନୁଦାନ ଦେବା ପାଇଁ ଗଠିତ ସଂସ୍ଥା ଯେତେବେଳେ ବନ୍ଦ ହେଉଛି ଏବଂ ଭିବିଏସ୍ଏ ଅନୁଦାନ ପ୍ରସଂଗରେ ପୁରା ଚୁପ୍ ସେତେବେଳେ ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକରେ ଯେ ତାଲା ପଡିବ କିମ୍ବା ସେଗୁଡିକ ଘରୋଇ ଶିକ୍ଷା ମଲ୍ରେ ପରିଣତ ହେବ ତାହା ବୁଝିବାରେ ଆଉ ଅସୁବିଧା ନାହିଁ।

ତୃତୀୟତଃ ସରକାରଙ୍କ ନିର୍ଦ୍ଦେଶ ପାଳନ ନକଲେ ଶିକ୍ଷାନୁଷ୍ଠାନ ଗୁଡିକୁ ମୋଟା ଅଙ୍କର ଜୋରିମାନା ଦେବାକୁ ହେବ। ଜୋରିମାନାର ଅର୍ଥ କେଉଁଠୁ ଆସିବ? ଶିକ୍ଷାନୁଷ୍ଠାନ ଗୁଡିକ କଣ ବ୍ୟବସାୟିକ ସଂସ୍ଥା? ଗଣତାନ୍ତ୍ରିକ ଶିକ୍ଷା ବ୍ୟବସ୍ଥାରେ ବିଶ୍ୱବିଦ୍ୟାଳୟ ଗୁଡିକର ସ୍ୱାୟତ୍ତତା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କର ଏକମାତ୍ର ଦାୟିତ୍ୱ ହେଉଛି ବିଶ୍ୱବିଦ୍ୟାଳୟ ମାନଙ୍କୁ ଆବଶ୍ୟକ ଅର୍ଥ ଯୋଗାଇବା। ଅନ୍ୟ ସମସ୍ତ କାମ ବିଶ୍ୱବିଦ୍ୟାଳୟର। ୧୯୪୩ ମସିହାରେ ଓଡିଶାରେ ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ସମୟରେ ଓଡିଶା ବିଧାନସଭାର ତତ୍କାଳୀନ ବିଧାୟକ ଶ୍ରୀଯୁକ୍ତ ଲତିଫୁର ରେହମାନ୍ଙ୍କ ବକ୍ତବ୍ୟ ଏଠାରେ ଉଲ୍ଲେଖ୍ୟ ଯୋଗ୍ୟ। ସେ ଆଲୋଚନାରେ ଭାଗନେଇ କହିଥିଲେ, “ଆମକୁ ଏହା ସ୍ପଷ୍ଟ କରିବାକୁ ହେବ ଯେ କୁଳପତି ସରକାରଙ୍କ ଅଙ୍ଗ ହେବା ଉଚିତ୍ ନୁହେଁ। ଆମେ ଏହା ମଧ୍ୟ ସ୍ପଷ୍ଟ କରିବାକୁ ଚାହୁଁ ଯେ କୁଳପତି ସରକାରଙ୍କ ଏଜେଣ୍ଟ ହେବା ଉଚିତ୍ ନୁହେଁ।” ଏହା କୌଣସି ବାମପନ୍ଥୀ ବୁଦ୍ଧିଜୀବୀ ବା ବ୍ୟକ୍ତିଙ୍କ କଥା ନୁହେଁ। ଏହା ସର୍ବବିଦିତ ଯେ ସରକାର ବିଶ୍ୱବିଦ୍ୟାଳୟ ଗୁଡିକର ପୂର୍ଣ୍ଣ ସ୍ୱାତନ୍ତ୍ର୍ୟରେ ହସ୍ତକ୍ଷେପ କରିବା ଆଦୌ ଉଚିତ ନୁହେଁ।

ଚତୁର୍ଥତଃ ଏଠି ପ୍ରଶ୍ନ ଉଠୁଛି ଶିକ୍ଷା ଶିକ୍ଷାବିତ୍ ମାନଙ୍କ ଦ୍ୱାରା ପରିଚାଳିତ ହେବ ନା ଅମଲାଙ୍କ ଦ୍ୱାରା ପରିଚାଳିତ ହେବ? ଏହି ପ୍ରସ୍ତାବିତ ଆଇନରେ ଜଣେ ବରିଷ୍ଠ ଅମଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ପୂର୍ଣ୍ଣକାଳୀନ କାମ କରିବେ। ବସ୍ତୁତଃ ଯେତେ ଗଣତାନ୍ତ୍ରିକ କଥା କୁହାଯାଉନା କାହିଁକି ଅସଲରେ କେନ୍ଦ୍ର ସରକାର ହିଁ ସବୁ କିଛି ନିୟନ୍ତ୍ରଣ କରିବେ। ଆଗାମୀ ଦିନରେ ଜେଏନୟୁ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ବିଭିନ୍ନ ଆଇଆଇଟି ଗୁଡିକ ରସାତଳକୁ ଯିବ, ତା ଜାଗାରେ ଗୋଲ୍ଗୋଟିଆ, ଲଭଲି, ନିରମା, ଆମିଟୀ, ନାଦର, ଅଶୋକା, ଜିନ୍ଦଲ୍, କିଟ୍, ମଣିପାଲ ଭଳି ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଉତ୍କର୍ଷର କେନ୍ଦ୍ରରେ ପରିଣତ ହେବ। ମୋଟା ଅଙ୍କର ଟଙ୍କା ଦେଲେ ଗେଟ୍ ଭିତରକୁ ପ୍ରବେଶ କରିବେ ଏବଂ ଚାଇନିଜ୍ ରୋବୋର୍ଟକୁ ଦେଖାଇଲା ଭଳି କାମକରି ନିଜର କବର ନିଜେ ଖୋଳିବେ।

ପଞ୍ଚମତଃ କେନ୍ଦ୍ର ସରକାର ଅନୁଦାନ ଦେବା ଅପେକ୍ଷା ପରିଚାଳନାଭାର ଗ୍ରହଣ କରିବା ଉପରେ ଜୋର ଦିଆଯାଇଛି। ଏହି ପ୍ରସଙ୍ଗରେ ତତ୍କାଳୀନ ଇଂରେଜ ସରକାର ଦ୍ୱାରା ଅଢେଇ ଲକ୍ଷ ଟଙ୍କା ସହାୟତାରାଶି ପ୍ରତିବଦଳରେ ବିଶ୍ୱବିଦ୍ୟାଳୟ ପରିଚାଳନାରେ ହସ୍ତକ୍ଷେପ ପ୍ରସଂଗରେ କଲିକତା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ବିଶିଷ୍ଟ ଶିକ୍ଷାବିତ୍ ସାର୍ ଆଶୁତୋଷ ମୁଖାର୍ଜୀଙ୍କ ବକ୍ତବ୍ୟ ଏଠାରେ ପ୍ରଣିଧାନ ଯୋଗ୍ୟ। ସେ କହିଥିଲେ, “We want to teach freedom …… We shall not be a part of the Secretariat of the government ….. Our teachers would starve themselves, rather than give up their freedom … Freedom first, freedom second and freedom always – nothing else will satisfy me.” ଅର୍ଥାତ୍ “ଆମେ ସ୍ୱାଧିନତା ସଂପର୍କରେ ଶିକ୍ଷା ଦେବାକୁ ଚାହୁଁଛୁ … ଆମେ ଆଦୌ ସରକାରଙ୍କ ସଚିବାଳୟର ଅଂଶ ହେବୁ ନାହିଁ …. ଆମର ଶିକ୍ଷକମାନେ ସେମାନଙ୍କ ସ୍ୱାଧିନତା ପାଇଁ ଭୋକିଲା ରହି ପାରନ୍ତି … ସ୍ୱାଧିନତା ପ୍ରଥମ, ସ୍ୱାଧିନତା ଦ୍ୱିତୀୟ ଏବଂ ସର୍ବଦା ସ୍ୱାଧିନତା ଛଡା ମୋତେ ଅନ୍ୟ କିଛି ସନ୍ତୁଷ୍ଟ କରିପାରିବ ନାହିଁ।” ତେଣୁ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ କୌଣସି ପ୍ରକାର ଲଘୁ କରାଯାଇ ପାରିବ ନାହିଁ। ଆମେ ଜାଣିଛନ୍ତି ଶିକ୍ଷାର କାମ ପ୍ରଶ୍ନ ପଚାରିବା ଏବଂ ତାହାର ଉତ୍ତର ବାହାର କରିବା। ଏହା ଏକ ନିରନ୍ତର ପ୍ରକ୍ରିୟା। ଯଦି ପ୍ରଶ୍ନ କରିବାକୁ ସରକାର ନିୟନ୍ତ୍ରଣ କରିବେ, ଗବେଷଣା କେଉଁ କ୍ଷେତ୍ରରେ ହେବ, କେଉଁ କ୍ଷେତ୍ରରେ ହେବ ନାହିଁ ସରକାର ନିର୍ଦ୍ଧାରଣ କରିବେ, ତେବେ ଶିକ୍ଷାର ଭବିଷ୍ୟତ କ'ଣ ହେବ? ଗୋବର, ଗୋମୁତ୍ର, ବୌମଯାନ ପଛରେ ଦୌଡି ଦୌଡି ଗୋଲ୍ଗାଟିଆରେ ପରିଣତ ହେବା ସାର।

ତେଣୁ ଏହିଭଳି ଏକ ମାରାତ୍ମକ ପ୍ରୟାସ ବିରୁଦ୍ଧରେ ଆମ ସମସ୍ତଙ୍କୁ ଏକଜୁଟ୍ ହେବାକୁ ପଡିବ। ନହେଲେ ଆଜି ସରକାରୀ ସ୍କୁଲ ଶିକ୍ଷାର ଅବସ୍ଥା ଯାହା ସେମାନେ କରିଛନ୍ତି ଦେଶର ଉଚ୍ଚଶିକ୍ଷାର ଭବିଷ୍ୟତ ବି ଠିକ୍ ସେଇଆ କରିବେ। ★★★

## ଭିବିଏସ୍ଏ ବିଲ୍ ଉପରେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି ପକ୍ଷରୁ ଆଲୋଚନା ଚକ୍ର

ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବା ଭିବିଏସ୍ଏ ବିଲ୍ ୨୦୨୫ ଉପରେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ୍ କମିଟି (ଏଆଇଏସଇସି) ପକ୍ଷରୁ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନରେ ମାର୍ଚ୍ଚ ୮ତାରିଖ ଦିନ ଏକ ରାଉଣ୍ଡ ଟେବୁଲ୍ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ତଥା ଏଆଇଏସଇସିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ରାଜ୍ୟ ତଥା ଭୁବନେଶ୍ୱର ଓ କଟକରୁ ବହୁ ବିଶିଷ୍ଟ ବୁଦ୍ଧିଜୀବୀ, କୁଳପତି, ସାମାଜିକ କର୍ମୀ, ବୈଜ୍ଞାନିକ, ଛାତ୍ରନେତା ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ବିଶିଷ୍ଟ ସାହିତ୍ୟିକ ବୈଜ୍ଞାନିକ ଡକ୍ଟର ଆଶୁତୋଷ ପରିଡା, ସମଦୃଷ୍ଟିର ସମ୍ପାଦକ ସୁଧିର ପଟ୍ଟନାୟକ, ଶିକ୍ଷକ ନେତା ପ୍ରଫେସର ଅମୀୟ ମହାନ୍ତି, ପ୍ରଫେସର କିଶୋର ସାମଲ, ପ୍ରଫେସର ଜୟନ୍ତ କୁମାର ରାଉତରାୟ, ପ୍ରଫେସର ସଚିନ୍ଦ୍ର ରାଉଳ, ପ୍ରାଧ୍ୟାପକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଦେ, ଆଡଭୋକେଟ୍ ଶ୍ରୀଯୁକ୍ତ ଜଗବନ୍ଧୁ ଦାସ, ଏଆଇଏସଇସିର ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ଡଃ ରମେଶ ନାୟକ, ରାଜେନ୍ଦ୍ର ବର୍ମ୍ମା, ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ ପ୍ରଫେସର ପ୍ରଦୀପ ମହାପାତ୍ର, ରାଜ୍ୟ ସଂପାଦକ ସୁବାସ ନାୟକ, ଏଆଇଡିଏସ୍ଓ ରାଜ୍ୟ ସଂପାଦକ ସିଦ୍ଧାର୍ଥ ରଥ, ଏଆଇଏସଇସି ରାଜ୍ୟ ଅଫିସ୍ ସଂପାଦିକା ବବି ବଳବନ୍ତରାୟ, କିଷ୍ଟାରାଣୀ ସାହୁ, କେଶବ ବିଶ୍ୱାଳ, ଶ୍ରୀଯୁକ୍ତ ପଦ୍ମଚରଣ ଜେନା, ଜୟନ୍ତ ମହାନ୍ତି, ଚିତ୍ତ ରଂଜନ ମେଣ୍ଡୁଲୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଦେଶରେ ଶତକଡା ୬୭ ଭାଗ ଗ୍ରାଜୁଏଟ କର୍ମହୀନ

ସମ୍ପ୍ରତି ଅଜୀମ ପ୍ରେମଜି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦେଶରେ ବେକାରୀର ଭୟାବହ ଚିତ୍ରର ଏକ ଝଲକ ଦେଖିବାକୁ ମିଳିଛି। ଏହି ରିପୋର୍ଟ ଅନୁଯାୟୀ ୨୦ ରୁ ୨୯ ବର୍ଷ ବୟସ ଗୋଷ୍ଠୀର ଗ୍ରାଜୁଏଟ ମାନେ ହେଉଛନ୍ତି ଦେଶର ମୋଟ କର୍ମହୀନ ଲୋକଙ୍କ ମଧ୍ୟରୁ ଶତକଡା ୬୭ ଭାଗ। ରିପୋର୍ଟରେ ଆହୁରି ପ୍ରକାଶ ପାଇଛି ଯେ ମୋଟ କର୍ମହୀନ ଯୁବକ ଯୁବତୀଙ୍କ ମଧ୍ୟରେ କର୍ମହୀନ ଗ୍ରାଜୁଏଟ ମାନଙ୍କ ହାର ଗତ ଦୁଇ ଦଶନ୍ଧି ମଧ୍ୟରେ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ୨୦୦୪ ମସିହାରେ ଦେଶର କର୍ମହୀନ ଯୁବକ ଯୁବତୀଙ୍କ ମଧ୍ୟରେ ଗ୍ରାଜୁଏଟ ମାନଙ୍କ ହାର ୩୨ ଭାଗ ଥିଲାବେଳେ ୨୦୨୫ ମସିହାରେ ଏହି ହାର ଶତକଡ଼ା ୬୭ ରେ ପହଞ୍ଚିଛି। ଏହି ରିପୋର୍ଟ ଆହୁରି ସୂଚନା ଦେଇଛି ଯେ ୨୦୦୪ ମସିହାରୁ ୨୦୨୫ ମସିହା ମଧ୍ୟରେ ପ୍ରତିବର୍ଷ ପ୍ରାୟ ୫୦ ଲକ୍ଷ ଗ୍ରାଜୁଏଟ ଯୁବକ ଯୁବତୀ ଗ୍ରାଜୁଏସନ୍ ପାସ୍ କରୁଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୨୮ ଲକ୍ଷ ରୋଜଗାର କ୍ଷମ ହେଉଛନ୍ତି। ପୁଣି ଏହି ୨୮ ଲକ୍ଷ ମଧ୍ୟରୁ ମାତ୍ର ୧୭ ଲକ୍ଷ ଗ୍ରାଜୁଏଟ ମାସିକିଆ ଦରମା ମିଳୁଥିବା ଚାକିରି କରନ୍ତି। ଅନ୍ୟମାନେ ଆଦୌ କୌଣସି ଶିକ୍ଷାଗତ ଯୋଗ୍ୟତା ନଥିବା ଯୁବକ ଯୁବତୀଙ୍କ ସମତୁଲ୍ୟ ପାରିଶ୍ରମିକରେ କାମ କରିବାକୁ ବାଧ୍ୟ ହୁଅନ୍ତି। ଏହା ହେଉଛି ବର୍ଷକୁ ଦୁଇ କୋଟି ନିଯୁକ୍ତି ଦେବାପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ବିଜେପି ଦଳ ୧୨ ବର୍ଷ କେନ୍ଦ୍ରରେ ଶାସନ କରିବାପରେ କର୍ମହୀନତାର ବାସ୍ତବ ଭୟାବହ ଚିତ୍ର।

## ଇରାନ ଉପରେ ...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପରମାଣୁ ବୋମା ତିଆରି ଉପକରଣ ମହଜୁଦ ନକରିବା ଏବଂ ଭବିଷ୍ୟତରେ ପରମାଣୁ ବୋମା ତିଆରି ନକରିବାର ପ୍ରତିଶ୍ରୁତି ସହ ଇରାନ ଆମେରିକା ସହିତ ଏକ ଚୁକ୍ତିର ଦ୍ୱାରଦେଶରେ ପହଂଚି ଯାଇଛି। ଅଥଚ ଏହି ଘୋଷଣାର ମାତ୍ର କିଛି ଘଣ୍ଟା ପରେ ହିଁ ହଠାତ୍ ଇରାନ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଆରମ୍ଭ କରିଦେଲା ଆମେରିକା।

ଅର୍ଥାତ୍ ଏତେ ଦିନ ଧରି ଠିକ୍ ଯେଉଁଭଳି ଭାବରେ ଆଫଗାନିସ୍ତାନ, ଇରାକ୍, ଲିବିୟା ସମେତ ଗୋଟିଏ ପରେ ଗୋଟିଏ ଦେଶରେ ଅନୁପ୍ରବେଶ କରିବା ପୂର୍ବରୁ ଆମେରିକୀୟ ସାମ୍ରାଜ୍ୟବାଦ କେତେବେଳେ ଗଣବିଧ୍ୱଂସୀ ଅସ୍ତ୍ର ମହଜୁଦ କରିବା, କେତେବେଳେ ଗଣତନ୍ତ୍ର ବିପନ୍ନ ହୋଇପଡ଼ିବା ଭଳି ନାନା ମିଥ୍ୟା ଆଳ ଦେଖାଇ ଆସିଛି, ଏଥରର ଇରାନ ଆକ୍ରମଣ କ୍ଷେତ୍ରରେ ମଧ୍ୟ ତାର ବ୍ୟତିକ୍ରମ ହୋଇନାହିଁ। ଏ ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ, ୨୦୧୫ ମସିହାରେ ଆମେରିକା, ଚୀନ୍, ଋଷିଆ ସମେତ ଆହୁରି କେତେକ ପାଶ୍ଚାତ୍ୟ ଦେଶ ସହିତ ଇରାନର ଯେଉଁ ପରମାଣୁ ଚୁକ୍ତି ହୋଇଥିଲା, ୨୦୧୮ ମସିହାରେ ପ୍ରଥମ ଥର ପାଇଁ କ୍ଷମତାକୁ ଆସିଥିବା ଟ୍ରମ୍ପ ସରକାର ନିଜେ ସେହି ଚୁକ୍ତିରୁ ଓହରି ଯାଇଥିଲେ। ୨୦୨୪ ମସିହାରେ ଯେତେବେଳେ ପୁଣିଥରେ ପରମାଣୁ ଶକ୍ତିକୁ ନେଇ ଆମେରିକା-ଇରାନ ଆଲୋଚନା ଆରମ୍ଭ ହେଲା, ଠିକ୍ ସେତିକିବେଳେ ଇରାନ ପରମାଣୁ ବୋମା ତିଆରି କରୁଛି, ଏହି ମିଥ୍ୟା ଅଭିଯୋଗ କରି ଜୁନ୍ ୨୨ ରେ ଇରାନ ଉପରେ ପ୍ରଥମେ ଇସ୍ରାଏଲ ଆକ୍ରମଣ କଲା, ତା'ପରେ ଆମେରିକା। ଯେଉଁମାନେ ନିଜେ ହିଁ ପରମାଣୁ ଶକ୍ତିଧର ଦେଶ।

କେହି କେହି ଏମିତି ମଧ୍ୟ ମନେ କରନ୍ତି ଯେ, ଇରାନରେ ଖାମେନେଇଙ୍କ ଧର୍ମୀୟ ମୌଳବାଦୀ ଶାସନ କବଳରୁ ଇରାନର ଜନଗଣଙ୍କୁ ରକ୍ଷା କରିବାକୁ, ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ପ୍ରତିଷ୍ଠା କରିବାକୁ ହିଁ ଆମେରିକା ଏହି ଆକ୍ରମଣ କରିଛି। ସେମାନଙ୍କର ମନେ ରଖିବା ଦରକାର, ଖାମେନେଇଙ୍କ ବିରୋଧରେ ଦେଶର ଲୋକଙ୍କର ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ ହେବାର ଯେଉଁ ଅସଂଖ୍ୟ ଅଭିଯୋଗ, ତା' ବିରୁଦ୍ଧରେ ବହୁ ଦିନ ଧରି ଇରାନର ଜନଗଣ ଲଢ଼େଇ କରୁଛନ୍ତି। ତେବେ କୌଣସି ଦିନ ହିଁ ଏହି ଲଢ଼େଇରେ ଆମେରିକା ବା ଇସ୍ରାଏଲର ସାହାଯ୍ୟ ଚାହିଁ ନାହାଁନ୍ତି। ତା ଛଡ଼ା ଯେଉଁ ଇସ୍ରାଏଲ୍ ଗାଜାରେ ନୃଶଂସ ଆକ୍ରମଣ ଚଳାଇ ହଜାର ହଜାର ଶିଶୁଙ୍କ ସମେତ ଲକ୍ଷ ଲକ୍ଷ ନିରସ୍ତ୍ର ପାଲେଷ୍ଟାଇନବାସୀଙ୍କୁ ହତ୍ୟା କରିଛି, ଯେଉଁ ଆମେରିକା ଅତର୍କିତ ଆକ୍ରମଣ କରି ସ୍ୱାଧୀନ ଦେଶ ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ଅର୍ଦ୍ଧରାତ୍ରରେ ଅପହରଣ କରିଛନ୍ତି, ଅନ୍ୟ ଦେଶର ଗଣତନ୍ତ୍ର ରକ୍ଷା କରିବା କଥା ସେମାନଙ୍କ ମୁହଁରେ ଶୋଭା ପାଏ କି? ବିଶ୍ୱର ଜନସାଧାରଣ ବାରମ୍ବାର ଦେଖିଛନ୍ତି, ଗଣତନ୍ତ୍ର ବିପନ୍ନ, ଶାସକ ପରିବର୍ତ୍ତନ କରିବାକୁ ହେବ- ଏହି ଧୂଆଁ ବାଣ ମାରି ଆମେରିକୀୟ ସାମ୍ରାଜ୍ୟବାଦ ଆଫଗାନିସ୍ତାନ, ଇରାକ୍, ଲିବିୟା ଭଳି ବହୁ ଦେଶରେ ଅନୁପ୍ରବେଶ କରିଛି ଏବଂ ସେହି ଦେଶ ଗୁଡ଼ିକ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ସେହି ଦେଶ ମାନଙ୍କରେ ଶାସକର ଆସନରେ ବସିଛି ହୁଏତ ଆମେରିକୀୟ ସାମ୍ରାଜ୍ୟବାଦର କଣ୍ଢେଇ ସରକାର, ନଚେତ୍ ଧର୍ମୀୟ ମୌଳବାଦୀ ଶକ୍ତି। ଫଳରେ ଗଣତନ୍ତ୍ରର ଧ୍ୱଜାଧାରୀ ଆମେରିକା ଓ ଇସ୍ରାଏଲ୍ ନିଜେ ହିଁ ଯେ ଅନ୍ୟ ଦେଶର ଗଣତନ୍ତ୍ର ଓ ସାର୍ବଭୌମତ୍ୱର ସବୁଠାରୁ ବଡ଼ ହତ୍ୟାକାରୀ, ସମଗ୍ର ବିଶ୍ୱର ଲୋକଙ୍କ ପାଖରେ ଆଜି ତାହା ଦିବାଲୋକ ଭଳି ସ୍ପଷ୍ଟ।

ପ୍ରକୃତରେ ଦୀର୍ଘ ଦିନ ଧରି ହିଁ ଇରାନ ଆକ୍ରମଣ ପାଇଁ ଛକାପଞ୍ଝା ଚଳାଇଛି ଆମେରିକା। ତାର ଲକ୍ଷ୍ୟ ତୈଳ ଓ ଗ୍ୟାସ୍ ସମୃଦ୍ଧ ପଶ୍ଚିମ ଏସିଆରେ ଏକଚାଟିଆ ଆଧିପତ୍ୟ ବିସ୍ତାର କରିବା। ଏହି କାର୍ଯ୍ୟରେ ସେହି ଅଂଚଳରେ ତାର ଅନ୍ୟତମ ଦଲାଲ ହେଉଛି ଇସ୍ରାଏଲ୍। ସାଉଦି ଆରବ, ୟୁଏଇ, କାତାର ଭଳି ପଶ୍ଚିମ ଏସିଆର କେତେକ ଦେଶ ଆମେରିକୀୟ ସାମ୍ରାଜ୍ୟବାଦୀ ସ୍ୱାର୍ଥ ରକ୍ଷା କରୁଛନ୍ତି। କିନ୍ତୁ ଆମେରିକୀୟ ସାମ୍ରାଜ୍ୟବାଦ ମଦତପୁଷ୍ଟ ଇସ୍ରାଏଲର ପାଲେଷ୍ଟାଇନରେ ଦଖଲଦାରି ବିରୁଦ୍ଧରେ ଯେଉଁ ସବୁ ସଶସ୍ତ୍ର ସଂଗ୍ରାମୀ ଗୋଷ୍ଠୀ, ସେମାନଙ୍କ ସକ୍ରିୟ ସମର୍ଥନକାରୀ ଦେଶଗୁଡ଼ିକ ମଧ୍ୟରେ ଇରାନ ଅନ୍ୟତମ। ଇରାନର ଗୋଟିଏ ପଟରେ ରହିଛି ଖଣିଜ ତୈଳର ବିପୁଳ ଭଣ୍ଡାର। ଅନ୍ୟ ପଟେ ପାରସ୍ୟ ଉପସାଗର, ହରମୁଜ୍ ପ୍ରଣାଳୀ। ଆଂଚଳିକ ଶକ୍ତିର ଭାରସାମ୍ୟ କ୍ଷେତ୍ରରେ ଇରାନର ଭୌଗଳିକ ଅବସ୍ଥାନ ଏମିତି ଯେ ଏହି ଦେଶଟିକୁ ନିଜ ଅଧିନକୁ ଆଣିନପାରିଲେ ଆମେରିକୀୟ ସାମ୍ରାଜ୍ୟବାଦ ପକ୍ଷରେ ପଶ୍ଚିମ ଏସିଆରେ ନିଜର ସର୍ବାତ୍ମକ ଆଧିପତ୍ୟ କାଏମ କରିବା ସମ୍ଭବ ନୁହେଁ। ଫଳରେ କଳେ ବଳେ କୌଶଳେ, ଆଗଥର ପରମାଣୁ ଅସ୍ତ୍ର ବନାଇବାର ମିଥ୍ୟା ଅଭିଯୋଗ ଆଣି, ଏଥର ଆଲୋଚନା ଟେବୁଲରେ ବସି ଏକମତ ହେବାର ନାଟକ କରିବା ସହିତ ଇରାନରେ ବାରମ୍ବାର ଆକ୍ରମଣ ଚଳାଉଛି ଆମେରିକା ଓ ଇସ୍ରାଏଲ୍। ଇରାନକୁ ପଦାନତ କରିପାରିଲେ ତୈଳର ବିପୁଳ ଭଣ୍ଡାର ଯେମିତି ଦଖଲକୁ ଆସିବ, ସେମିତି ନିଷ୍କଣ୍ଟକ ହେବ ପଶ୍ଚିମ ଏସିଆରେ ମାର୍କିନ ସାମ୍ରାଜ୍ୟବାଦୀ ଆଧିପତ୍ୟ।

ଆମେରିକାର ଇରାନ ଆକ୍ରମଣ ପଛରେ ଆଉ ଏକ କାରଣ ମଧ୍ୟ କେତେକ ମହଲରେ ଚର୍ଚ୍ଚିତ ହେଉଛି। ତୈଳବାହୀ ଜାହାଜ ଚଳାଚଳ ପାଇଁ ଯେଉଁ ହରମୁଜ ପ୍ରଣାଳୀ ଅତ୍ୟନ୍ତ ପ୍ରୟୋଜନୀୟ, ତାହା ରହିଛି ଇରାନର ଦଖଲରେ। ଇରାନକୁ ପଦାନତ କରିପାରିଲେ ଏହି ପ୍ରଣାଳୀରେ କାଏମ ହେବ ଆମେରିକାର ନିୟନ୍ତ୍ରଣ। ହରମୁଜ ଦଖଲକୁ ଆସିଲେ, ଏଥିରେ ଚୀନର ତୈଳ ସରବରାହରେ ବାଧା ସୃଷ୍ଟି କରିବାର ସୁଯୋଗ ପାଇବ ଆମେରିକା। ଏହି ସୁଯୋଗ ତାର ପ୍ରୟୋଜନ, କାରଣ ଦିନକୁ ଦିନ ସମଗ୍ର ବିଶ୍ୱରେ ଅର୍ଥନୈତିକ ଆଧିପତ୍ୟ ସୃଷ୍ଟି କ୍ଷେତ୍ରରେ ଆମେରିକା ସାମ୍ନାରେ ବଡ଼ ଚାଲେଞ୍ଜ ହୋଇ ଠିଆ ହୋଇଛି ଚୀନ୍।

ଇରାନରେ ରକ୍ଷଣଶୀଳ ଧର୍ମୀୟ ଆବରଣ ଆଢୁଆଳରେ କାଏମ ରହିଛି ଶୋଷଣମୂଳକ ପୁଞ୍ଜିବାଦୀ ଶାସନ। ସ୍ୱାଭାବିକ କାରଣରୁ ହିଁ ବିଶ୍ୱର ସମସ୍ତ ପୁଞ୍ଜିବାଦୀ ଦେଶ ଭଳି ସେହି ସରକାର ବିରୋଧରେ ସେଠାକାର ଲୋକଙ୍କର ପ୍ରବଳ କ୍ଷୋଭ ରହିଛି। ଗତ କିଛି ବର୍ଷ ଧରି ଇରାନର ଜନସାଧାରଣଙ୍କୁ ବାରମ୍ବାର ନାନା ଦାବିରେ ରାସ୍ତାକୁ ଓହ୍ଲାଇବାର ଦେଖାଯାଇଛି। ସେହିସବୁ ବିକ୍ଷୋଭ ବାରମ୍ବାର ପ୍ରବଳ ରୂପ ନେଇଛି ଏବଂ ଅନ୍ୟାନ୍ୟ ପୁଞ୍ଜିବାଦୀ ଦେଶ ମାନଙ୍କ ଭଳି ଇରାନର ଶାସକମାନେ ସେହି ଆନ୍ଦୋଳନକୁ ନିର୍ମମ ଭାବେ ଦମନ କରିଛନ୍ତି। କିନ୍ତୁ ଏହା କେବେହେଲେ ଇରାନ ଉପରେ ଆମେରିକୀୟ ସାମ୍ରାଜ୍ୟବାଦ ଓ ଇସ୍ରାଏଲର ଆକ୍ରମଣ ସପକ୍ଷରେ ଯୁକ୍ତି ଭାବରେ ବ୍ୟବହୃତ ହୋଇପାରିବ ନାହିଁ। ବାସ୍ତବରେ ନିଜସ୍ୱ ସାମ୍ରାଜ୍ୟବାଦୀ ଲୁଣ୍ଠନ ସ୍ୱାର୍ଥରେ ହିଁ ଏହି ଦୁଇ ଦେଶ ଇରାନ ଉପରେ ନିର୍ଲଜ୍ଜ ଭାବେ ଆକ୍ରମଣ ଆରମ୍ଭ କରିଛନ୍ତି।

କେବଳ ସେତିକି ନୁହେଁ, ଏହି ଆକ୍ରମଣ ଫଳରେ ଆମେରିକାର 'ଯୁଦ୍ଧଶିଳ୍ପ' ଚାଙ୍ଗା ହେବ। ଅକ୍ସିଜେନ୍ ପାଇବ ବଜାର ସଙ୍କଟର ଆବର୍ତ୍ତରେ ଘୁରି ବୁଲୁଥିବା ଆମେରିକାର ଅର୍ଥନୀତି। ଏହି ମୁମୂର୍ଷୁ ପୁଞ୍ଜିବାଦର ଯୁଗରେ ମାର୍କିନ ଅର୍ଥନୀତିର ପ୍ରଧାନ ସ୍ତମ୍ଭ ହେଲା ତାର ଯୁଦ୍ଧଶିଳ୍ପ। ସେ ଦେଶର ପ୍ରତିରକ୍ଷା ବାବଦରେ ପ୍ରତିବର୍ଷ ବିପୁଳ ଅର୍ଥ ବରାଦ ହୁଏ। ବିଶ୍ୱର ସବୁଠାରୁ ବଡ଼ ଅସ୍ତ୍ର ତିଆରି ସଂସ୍ଥାଗୁଡ଼ିକର ଶୀର୍ଷରେ ରହିଛନ୍ତି ଆମେରିକାର ଲକ୍‌ହିଡ୍ ମାର୍ଟିନ୍, ନର୍ଥଗ୍ରୋପ୍ ଗ୍ରୁମାନ, ବୋଇଂ ଭଳି କମ୍ପାନୀ। ସମଗ୍ର ପୃଥିବୀରେ ଯୁଦ୍ଧ ନ ଲଗାଇଲେ ଏମାନଙ୍କ ତିଆରି ଅସ୍ତ୍ରର ଜମା ହୋଇଥିବା ପାହାଡ଼ ଖଲାସ ହେବ କିପରି? ଆମେରିକୀୟ ସଂସଦରେ ପୁଣି ଗାଦି ମାଡି ବସିଛନ୍ତି ବଡ଼ ବଡ଼ ଅସ୍ତ୍ର କମ୍ପାନୀ ଓ ତୈଳ କମ୍ପାନୀର କର୍ତ୍ତାମାନେ। ଫଳରେ ବିନା ପ୍ରରୋଚନାରେ ଇରାନ ଭଳି ପ୍ରାଚୀନ ଐତିହ୍ୟ ସମୃଦ୍ଧ ଇତିହାସ ପ୍ରସିଦ୍ଧ ଏକ ଦେଶ ଉପରେ ଆକ୍ରମଣ ଚଳାଇ ସଭ୍ୟତାର ନାନା ନିଦର୍ଶନ ସହ ଅସଂଖ୍ୟ ନିରପରାଧ ଲୋକଙ୍କ ଜୀବନ ଧ୍ୱଂସ କରିଦେବାର ପ୍ରସ୍ତାବ ସେଠାରେ ପାସ୍ କରାଇବାକୁ ଟ୍ରମ୍ପ ସାହେବଙ୍କର ଅସୁବିଧା ହୋଇନାହିଁ। ପୁଞ୍ଜିବାଦ-ସାମ୍ରାଜ୍ୟବାଦର ଏହାହିଁ ଅସଲ ଚେହେରା। ସମାଜ-ସଭ୍ୟତା ଧ୍ୱଂସକାରୀ ଏହି ଭୟଙ୍କର ସାମ୍ରାଜ୍ୟବାଦୀ ବର୍ବରତାର ମୁହାଁମୁହିଁ ଠିଆ ହୋଇ ଆଜି ସମାଜତାନ୍ତ୍ରିକ ଶିବିରର ଅନୁପସ୍ଥିତି ବିଶେଷ ଭାବେ ଅନୁଭୂତ ହେଉଛି। ବିଶ୍ୱ ସମାଜତାନ୍ତ୍ରିକ ଶିବିର ଥିଲେ ସାମ୍ରାଜ୍ୟବାଦ ତାର ଏହି ବୀଭତ୍ସ ରୂପ ଦେଖାଇବାକୁ ସାହସ କରିପାରି ନଥାନ୍ତା।

କିନ୍ତୁ ବର୍ବରତା ଶେଷ କଥା କହେ ନାହିଁ। ତେଣୁ ଇରାନ ଉପରେ ଆମେରିକା-ଇସ୍ରାଏଲର ବର୍ବର ସାମ୍ରାଜ୍ୟବାଦୀ ଆକ୍ରମଣ ବିରୋଧରେ ଦୁନିଆ ସାରା ପ୍ରତିବାଦ ଧ୍ୱନିତ ହେଉଛି। ବିଶ୍ୱବ୍ୟାପୀ ରାସ୍ତାକୁ ଓହ୍ଲାଇଛନ୍ତି ଶାନ୍ତିପ୍ରିୟ ଗଣତନ୍ତ୍ରପ୍ରେମୀ ଲକ୍ଷ ଲକ୍ଷ ଲୋକ। ଖୋଦ୍ ଆମେରିକାରେ ହିଁ ଇରାନ ଆକ୍ରମଣ ବିରୋଧି ବିକ୍ଷୋଭ ଜଙ୍ଗଲର ନିଆଁ ଭଳି ବ୍ୟାପି ଯାଉଛି।

ରାସ୍ତାକୁ ଓହ୍ଲାଇଛନ୍ତି ଭାରତର ଲୋକ ମଧ୍ୟ। ସାମ୍ରାଜ୍ୟବାଦ ବିରୋଧିତା ଭାରତର ଦୀର୍ଘଦିନର ଐତିହ୍ୟ। ଅଥଚ ଇରାନ ଉପରେ ଆମେରିକା-ଇସ୍ରାଏଲର ସାମ୍ରାଜ୍ୟବାଦୀ ଆକ୍ରମଣକୁ ନିନ୍ଦା କରି ଗୋଟିଏ ବିବୃତ୍ତି ମଧ୍ୟ ଦେଇନାହାଁନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏପରିକି ଇରାନର ଶୀର୍ଷ ନେତା ଖାମେନେଇଙ୍କ ବର୍ବର ହତ୍ୟାରେ ଦୁଃଖପ୍ରକାଶ କରିବାକୁ ବିଜେପି ସରକାରଙ୍କୁ ଦୀର୍ଘ ପାଂଚ ଦିନ ସମୟ ଲାଗିଛି। କେବଳ ସେତିକି ନୁହେଁ, ଇରାନ ଉପରେ ଆକ୍ରମଣ କରିବାପାଇଁ ଇସ୍ରାଏଲ ପ୍ରସ୍ତୁତ ହେଉଥିଲାବେଳେ, ଠିକ୍ ସେହି ସମୟରେ ଇସ୍ରାଏଲ ଗସ୍ତ କରି ସେହି ଦେଶର ସରକାରଙ୍କ ପାଖରେ ଛିଡ଼ା ହେବାର ବାର୍ତ୍ତା ଦେଇ ଆସିଛନ୍ତି ପ୍ରଧାନମନ୍ତ୍ରୀ। ବୁଝାପଡୁଛି, ଦିନକୁ ଦିନ ଆମେରିକା-ଇସ୍ରାଏଲ ସାମ୍ରାଜ୍ୟବାଦୀ ଅକ୍ଷ ଦିଗକୁ ଆହୁରି ବେଶୀ କରି ଢଳୁଛି କେନ୍ଦ୍ର ବିଜେପି ସରକାର। ଏହାର ନିନ୍ଦାରେ ସରବ ହୋଇଛନ୍ତି ଭାରତର ଯୁଦ୍ଧବିରୋଧୀ ଗଣତନ୍ତ୍ରପ୍ରିୟ ଜନସାଧାରଣ। ଅବିଳମ୍ବେ ଇରାନ ଉପରେ ମାର୍କିନ-ଇସ୍ରାଏଲି ଆକ୍ରମଣ ବନ୍ଦ କରି ଇରାନର ସ୍ୱାଧୀନତା ଓ ସାର୍ବଭୌମତ୍ୱ ବଜାୟ ରଖିବାର ଦାବିରେ ବିଶ୍ୱବ୍ୟାପୀ ସାମ୍ରାଜ୍ୟବାଦ ବିରୋଧୀ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ହିଁ ଆଜି ସମୟର ଆହ୍ୱାନ।

★★★

## ସ୍କୁଲ ଡ୍ରପ ଆଉଟ୍ ...

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଓଡ଼ିଶାରେ ମଧ୍ୟ ଏହି ସ୍କୁଲ୍ ମିଶ୍ରଣ ପ୍ରକ୍ରିୟା ଶିକ୍ଷା ବ୍ୟବସ୍ଥା ଉପରେ ଏକ ଶକ୍ତ ପ୍ରହାର କରିଛି। ରାଜ୍ୟରେ କମ ପିଲା ଥିବା ଦର୍ଶାଇ ମୋଟ ୫,୬୩୨ଟି ସ୍କୁଲକୁ ବନ୍ଦ କରିଦିଆଯାଇଛି। ବିଶେଷ କରି ଗଜପତି, କୋରାପୁଟ, କନ୍ଧମାଳ ଏବଂ ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ଏହାଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପାର୍ବତ୍ୟ ଓ ଦୁର୍ଗମ ଅଂଚଳରେ ସ୍କୁଲ ବନ୍ଦ ହୋଇଗଲେ, ଛୋଟ ପିଲାମାନେ ବିଶେଷ କରି ଝିଅମାନେ ଜଙ୍ଗଲ ଓ ପାହାଡ଼ ଅତିକ୍ରମ କରି ଦୂର ସ୍କୁଲକୁ ଯିବା ସମ୍ଭବ ହୁଏନାହିଁ। ଆଦିବାସୀ ବହୁଳ ଓ ଦୁର୍ଗମ ଅଂଚଳରେ ଆର୍ଥିକ ଅନଟନ ଏବଂ ସ୍କୁଲ୍‌କୁ ଗମନାଗମନର ସୁବିଧା ନଥିବାରୁ ପିଲାମାନେ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ବିଗତ ବର୍ଷଗୁଡ଼ିକରେ ଏହି ନୀତି ଯୋଗୁଁ ଯେଉଁ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡ଼ିଲେ, ସେହି କ୍ଷତି ବାସ୍ତବରେ ଅପୂରଣୀୟ ଅଟେ। ସ୍କୁଲର ଦୂରତା ବଢ଼ିବା କାରଣରୁ ୧୦-୧୨ ବର୍ଷ ବୟସର ଝିଅମାନଙ୍କୁ ଦୂର ସ୍କୁଲକୁ ପଠାଇବା ପରିବର୍ତ୍ତେ ଅଭିଭାବକମାନେ ସେମାନଙ୍କୁ ଘର କାମ ଏବଂ ସାନ ଭାଇଭଉଣୀଙ୍କ ଯତ୍ନ ନେବା ପାଇଁ ଘରେ ରଖିଦେଉଛନ୍ତି। ଏହି ଡ୍ରପ୍ ଆଉଟ୍ ଯୋଗୁଁ ଝିଅମାନେ ଅଳ୍ପ ବୟସରେ ବିବାହ ପାଇଁ ବାଧ୍ୟ ହେଉଛନ୍ତି, କିମ୍ବା ଶିଶୁ ଶ୍ରମିକ ଭାବରେ ନିୟୋଜିତ ହେଉଛନ୍ତି ଅଥବା ଚାଲାଣର (Trafficking) ଶିକାର ହେଉଛନ୍ତି। ଏହା ଝିଅମାନଙ୍କୁ କେବଳ ଶିକ୍ଷାରୁ ବଂଚିତ କରୁନାହିଁ, ବରଂ ଏକ ସମ୍ମାନଜନକ ଜୀବନରୁ ମଧ୍ୟ ବଂଚିତ କରୁଛି। ତେଣୁ ଓଡ଼ିଶା ସମେତ ସମଗ୍ର ଦେଶର ବର୍ତ୍ତମାନ ସ୍ଥିତିକୁ ଦେଖିଲେ "ବେଟି ପଢ଼ାଓ, ବେଟି ବଚାଓ' ସ୍ଲୋଗାନଟି ଏକ ସଂପୂର୍ଣ୍ଣ ବିଫଳ ସ୍ଲୋଗାନରେ ପରିଣତ ହୋଇଛି।

ଆଜି ଆମ ରାଜ୍ୟ ତଥା ସାରା ଦେଶର ଏହିଭଳି ଏକ ବେଦନାଦାୟକ ଚିତ୍ର ଆମ ସମସ୍ତଙ୍କୁ ଗଭୀର ଭାବେ ବ୍ୟଥିତ କରୁଛି। ଆମ ରାଜ୍ୟରେ ଗତ ବିଜେଡି ସରକାର ସମୟରେ ବନ୍ଦ ହୋଇଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟ ଖୋଲିବାର ପ୍ରତିଶୃତି ନିଜର ନିର୍ବାଚନ ଇସ୍ତାହାରରେ ଦେଇଥିବା ବିଜେପି ସରକାରକୁ ଆସିବା ପରେ ବନ୍ଦ ହୋଇଥିବା ବିଦ୍ୟାଳୟ ଖୋଲିବା ତ ଦୂରର କଥା ବରଂ ବିଦ୍ୟାଳୟ ବନ୍ଦ-ମିଶ୍ରଣ ପ୍ରକ୍ରିୟାକୁ ଆହୁର ତ୍ୱରାନ୍ୱିତ କରିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଆଗାମୀ ଦିନରେ ଉଚ୍ଚ ବିଦ୍ୟାଳୟଗୁଡିକୁ ବନ୍ଦ ଓ ମିଶ୍ରଣ ପ୍ରକ୍ରିୟାରେ ସାମିଲ କରାଯିବ। ଏପରିକି ୩୦୦୦ରୁ କମ ଛାତ୍ରଛାତ୍ରୀ ଥିବା କଲେଜ ଗୁଡିକୁ ବନ୍ଦ କରି ଅନ୍ୟ କଲେଜରେ ମିଶ୍ରଣ କରିବା କଥା ମଧ୍ୟ ଏହି ଜାତୀୟ ଶିକ୍ଷାନୀତି ୨୦୨୦ରେ ଉଲ୍ଲେଖ ହୋଇଛି ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆମ ରାଜ୍ୟର ଡବଲ ଇଞ୍ଜିନ୍ ସରକାର ମଧ୍ୟ ସଜବାଜ ହେଉଛନ୍ତି। ଏହିଭଳି ଚିନ୍ତାଜନକ ପରିସ୍ଥିତିରେ ସଚେତନ ଜନଗଣଙ୍କ ଦାୟିତ୍ୱ ହେଉଛି ସରକାରୀ ଶିକ୍ଷାକୁ ଏହି ଆକ୍ରମଣରୁ ରକ୍ଷା କରିବା ପାଇଁ ଆଗୁସାର ହେବା ଓ ସାମଗ୍ରିକ ଭାବେ ଡ୍ରପ ଆଉଟ ସମସ୍ୟା ଦୂର କରିବା ପାଇଁ ସରକାରଙ୍କ ଉପରେ ଚାପ ପକାଇବା।

Regd.No-ORI ORI/2011/37220 • VOL. NO. 13, ISSUE NO. 23 • ମୂଲ୍ୟ-୫ଟଙ୍କା

# କିଶନ ନଗର ତହସିଲ ଅଫିସ ସମ୍ମୁଖରେ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ




ମାର୍ଚ୍ଚ ୧୨ ତାରିଖରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଏଆଇୟୁଟିୟୁସି ନେତୃତ୍ୱରେ କଟକ ଜିଲ୍ଲାର କିଶନ ନଗର ତହସିଲ ଅଫିସ ସମ୍ମୁଖରେ ୬ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଡମା - କିଶନ ନଗର ରାସ୍ତା କାମ ତୁରନ୍ତ ଶେଷ କରିବା, ରାତିରେ ବେଆଇନ ବାଲି ଚାଲାଣ ବନ୍ଦ କରିବା, ସ୍ଥାନୀୟ ସରକାରୀ ବାଲି ଘାଟ ଗୁଡ଼ିକର ତାଲିକା ସାର୍ବଜନୀନ କରିବା ଓ ଅନ୍ୟାନ୍ୟ ସ୍ଥାନୀୟ ଦାବି ପୂରଣ ପାଇଁ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଶ୍ରମିକ ନେତା କମ୍ରେଡ ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରେଣୁ ମହାରଣା, ଭାଗିରଥୀ ଭୋଇ, ଶରତ ବେହେରା, ସନ୍ତୋଷ ଭୋଇ, ଭଗ୍ୟରବି ଦାସ, ମହମ୍ମଦ ଆକିକୁଦ୍ଦିନ, ମହମ୍ମଦ ଆସଫାକଙ୍କ ସମେତ ବହୁଲୋକ ସାମିଲ ହୋଇଥିଲେ। ଅତିରିକ୍ତ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# କଟକ ବଡ଼ ଡାକ୍ତରଖାନା ଆଇସିୟୁରେ ପୋଡ଼ିହୋଇ ରୋଗୀ ମୃତ୍ୟୁ ପ୍ରତିବାଦରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ




ରାଜ୍ୟର ସବୁଠାରୁ ବଡ଼ ଓ ସର୍ବପୁରାତନ ଡାକ୍ତରଖାନା କଟକ ବଡ ଡାକ୍ତରଖାନା ଆଇସିୟୁରେ ପୋଡିହୋଇ ୧୩ ଜଣ ଗୁରୁତର ରୋଗୀଙ୍କ ମୃତ୍ୟୁ ଭଳି ମର୍ମନ୍ତୁଦ ଓ ହୃଦୟ ବିଦାରକ ଘଟଣାରେ ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ମୃତ ବ୍ୟକ୍ତି ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ଗୁରୁତର ଭାବରେ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି। ପାର୍ଟି ପକ୍ଷରୁ କୁହାଯାଇଛି ଯେ ଏହା ଏକ ଅପ୍ରତ୍ୟାଶିତ ଘଟଣା କିମ୍ବା ଦୁର୍ଘଟଣା ନୁହେଁ। ଦଶନ୍ଧି ଦଶନ୍ଧି ଧରି ଯୋଜନାବଦ୍ଧ ସରକାରୀ ଅବହେଳା ଯୋଗୁ ଡାକ୍ତରଖାନାରେ ବାରବାର ଏହି ଧରଣର ଘଟଣା ଘଟୁଛି। ମାତ୍ର ଡାକ୍ତରଖାନାର ମୂଳ ସମସ୍ୟାର ସମାଧାନ କରିବାପାଇଁ ରାଜ୍ୟ ବିଜେପି ସରକାର ବିହିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅନ୍ୟପଟରେ ପରିକଳ୍ପିତ ଭାବରେ ଡାକ୍ତରଖାନାକୁ ରୁଗ୍‌ଣ କରାଯାଉଛି।

ଏହି ପୃଷ୍ଠଭୂମିରେ ଡାକ୍ତରଖାନା ଆଇସିୟୁରେ ପୋଡ଼ି ହୋଇ ରୋଗୀ ମରିବା ଭଳି ଏହି ମର୍ମନ୍ତୁଦ ଘଟଣା ବ୍ୟବସ୍ଥାଗତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେଉଛି।

ଏହି ପରିସ୍ଥିତିରେ ଭୟାବହ ଅଗ୍ନିକାଣ୍ଡ ଓ ଜୀବନହାନୀ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ତୁରନ୍ତ ଇସ୍ତଫା, ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ଅତି କମରେ ୧ କୋଟି ଓ ଗୁରୁତର ଭାବରେ ଆହତ ମାନଙ୍କୁ ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ବଡ଼ ମେଡିକାଲରେ ଉପଯୁକ୍ତ ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ସ୍ଥାୟୀ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି, ଆଉଟ୍ ସୋର୍ସିଙ୍ଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାତିଲ ଓ ଲଗାତାର ଅବ୍ୟବସ୍ଥା ଓ ଅଗ୍ନିକାଣ୍ଡ ପାଇଁ ଦାୟୀ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ମାର୍ଚ୍ଚ ୧୬ ତାରିଖରେ ଡାକ୍ତରଖାନା ସମ୍ମୁଖରେ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ବସନ୍ତ ନାୟକ, ଭଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ତରୁଣସେନ୍ ନାୟକ, ଇଶା ଧର, ସ୍ୱାଧିନୀ ବେହେରା, ଶିବାନୀ ସାହୁ, ଅକ୍ଷୟ ରାଉଳ, ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ପ୍ରତାପ ମିଶ୍ର, ଜ୍ୟୋତ୍ସ୍ନା ଦାସ, ସିପ୍ରା ମହାନ୍ତି ସୁଜାତା ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

★★★

# ଭିବିଜୀ ରାମଜି ଶ୍ରମିକଙ୍କ ନ୍ୟାଯ୍ୟ ଦାବିରେ ବଲାଙ୍ଗୀର ଜିଲ୍ଲାର ଗମ୍ଭାରୀଠାରେ ଶ୍ରମିକ ସମ୍ମିଳନୀ

ପୂର୍ବରୁ ମନରେଗା ଶ୍ରମିକ ଭାବରେ କାମ କରୁଥିବା ବର୍ତ୍ତମାନର ଭିବିଜୀ ରାମଜି ଶ୍ରମିକଙ୍କ ନ୍ୟାଯ୍ୟ ଦାବିରେ ଏଆଇୟୁଟିୟୁସି ବେଲାପଡ଼ା ବ୍ଲକ ଶାଖା ପକ୍ଷରୁ ମାର୍ଚ୍ଚ ୧୫ ତାରିଖରେ ଗମ୍ଭାରୀ ଠାରେ ବେଲାପଡ଼ା ବ୍ଲକ ସ୍ତରୀୟ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି।




ଦୈନିକ ମଜୁରୀ ପାଇବାରେ ଅବ୍ୟବସ୍ଥା ଦୂର କରି ସାପ୍ତାହିକ ମଜୁରୀ ପ୍ରଦାନ କରିବା, ଉପସ୍ଥାନ ସମୟରେ ଫେସ ମ୍ୟାପିଂ ବାତିଲ କରି ମ୍ୟୁଚୁଆଲ ବ୍ୟବସ୍ଥା ପୁନର୍ବାର ଚାଲୁ କରିବା, ଯେଉଁ ଗ୍ରାମ ଗୁଡ଼ିକରେ କାମ ବନ୍ଦ ହୋଇଛି



ସେଠାରେ ତୁରନ୍ତ କାମ ଆରମ୍ଭ କରିବା, ବର୍ଷକୁ ୩୬୫ ଦିନ କାମ ଯୋଗାଇ ଦେବା ସହ ଅନ୍ୟାନ୍ୟ ଦାବିରେ ଏହି ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କମ୍ରେଡ ମଧୁସୂଦନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଅଶୋକ ମିଶ୍ର ଯୋଗ ଦେଇଥିଲେ। ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ତଥା ଶ୍ରମିକ ନେତା କମ୍ରେଡ ଜୟସେନ୍ ମେହେର, ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ ) ଜିଲ୍ଲା ସମ୍ପାଦକ କମ୍ରେଡ ସୁନିଲ୍ କୁମାର ଭୋଇ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଏଆଇଡିଓ୍ୱାଇଓ ଜିଲ୍ଲା ସମ୍ପାଦକ କମ୍ରେଡ ତାମସ କୁମାର ବେହେରା ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା କମ୍ରେଡ୍ ମେହେର କହିଥିଲେ ଯେ ଭିବିଜୀ ରାମଜି ସ୍କିମ୍‌ରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ସଂଗଠିତ ସଚେତନ ହୋଇ ନ୍ୟାଯ୍ୟ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଗଢ଼ି ତୋଳିବାକୁ ହେବ। ମୁଖ୍ୟ ଅତିଥି କମ୍ରେଡ୍ ମିଶ୍ର ତାଙ୍କ ବକ୍ତବ୍ୟରେ ଶ୍ରମିକମାନେ ନିଜର ଦାବି ନେଇ ଲଢ଼ିବା ସହିତ ଚାଷୀ ମୂଲିଆ ଓ ଅନ୍ୟାନ୍ୟ ବର୍ଗର ଶ୍ରମଜୀବୀ ଜନସାଧାରଣଙ୍କ ନ୍ୟାଯ୍ୟ ଦାବିରେ ଗଢ଼ିଉଠୁଥିବା ଆନ୍ଦୋଳନରେ ମଧ୍ୟ ସକ୍ରିୟ ଭାବେ ସାମିଲ୍ ହେବା ଉଚିତ୍। ଆଗାମୀ ଦିନରେ ଆନ୍ଦୋଳନକୁ ନେତୃତ୍ୱ ଦେବା ପାଇଁ ୪୨ ଜଣିଆ ଭିବିଜି ରାମଜୀ ଶ୍ରମିକ ସଂଗଠନର ବେଲପଡା ବ୍ଲକ କମିଟି ଗଠନ କରାଯାଇଛି। ଏହି କମିଟିର ସଭାପତି ଭାବରେ ଫକୀର ଲୁହା, ଉପସଭାପତି ଭାବରେ ଡିଗଲେଶ୍ୱର ଛତ୍ରିଆ, ସମ୍ପାଦକ ଭାବରେ ଭୀମ କୁଅଁର, କୋଷାଧକ୍ଷ ଭାବରେ ଶ୍ରୀଯୁକ୍ତ ସୁଦାମ ମାଝୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଆଗାମୀ ଦିନରେ ପ୍ରଶାସନ ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନକଲେ ଏପ୍ରିଲ ୧୬ ତାରିଖ ବେଲପଡା ବ୍ଲକ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ଓ ଦରବୃଦ୍ଧି ବିରୋଧରେ କଟକ ଓ ଭୁବନେଶ୍ୱରଠାରେ ବିକ୍ଷୋଭ

ଯୁଦ୍ଧର ଆଳରେ କେନ୍ଦ୍ର ବିଜେପି ସରକାର ସମ୍ପ୍ରତି ରନ୍ଧନ ଗ୍ୟାସର ମୂଲ୍ୟ ୬୦ ଟଙ୍କା ବୃଦ୍ଧି କରିଛନ୍ତି। ଗୋଟିଏ ପଟରେ ରାଜ୍ୟ ତଥା ସମଗ୍ର ଦେଶରେ ଯଥେଷ୍ଟ ରନ୍ଧନ ଗ୍ୟାସ ମହଜୁଦ୍ ରହିଛି ବୋଲି ପ୍ରଚାର କରାଯାଉଥିଲା ବେଳେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର କଳା ବଜାରୀ ଓ ମୁନଫାଖୋର୍ ମାନଙ୍କୁ କୃତ୍ରିମ ଅଭାବ ସୃଷ୍ଟିକରି ଗ୍ରାହକ ଶୋଷଣ କରିବାପାଇଁ ଲଗାମ୍ ଛଡ଼ା ସୁଯୋଗ ଦେଇଛନ୍ତି। ଏହା ବିରୁଦ୍ଧରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ କଟକ ଓ ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।




ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଭୁବନେଶ୍ୱର ଜିଲ୍ଲା ସାଂଗଠନିକ କମିଟି ସମ୍ପାଦକ କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ବେହେରା, ରାଜ୍ୟ କମିଟି ସଦସ୍ୟ କମ୍ରେଡ ରାଜେନ୍ଦ୍ର ବର୍ମ୍ମା, ନିରଞ୍ଜନ ମହାନ୍ତି, ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର, ନସିମ ସରକାର, ସପ୍ତର୍ଷିନୀ ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିଭଳି ପାର୍ଟି କଟକ ଜିଲ୍ଲା କମିଟି ଉଦ୍ୟୋଗରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ମାର୍ଚ୍ଚ ୯ ତାରିଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଜିଲ୍ଲା ସମ୍ପାଦକ କମ୍ରେଡ୍ ବିଶ୍ୱାବସୁ ଦାସ, ଜିଲ୍ଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ୍ ନାୟକ, ଦୀପକ୍ ଦାସ,ଇଶା ଧର, ଶିବାନୀ ସାହୁ, ସ୍ୱାଧୀନୀ ବେହେରା, ସିପ୍ରା ମହାନ୍ତି, ପାଭେଲ ପ୍ରିୟଦର୍ଶନ ପ୍ରମୁଖ ନେତୃତ୍ୱ ନେଇଥିଲେ।




Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das